ତରୁଣୀର ମନ

Digitized by PPRACHIN, SOA

"Devotion wafts the mind above
But heaven itself descends in love."

— BYRON

ତରୁଣୀର ମନ

ଶ୍ରୀ ଭଗୀରଥି ନେପାକ
ବି. ଏ. (ଅନର୍ସ)

Digitized by PPRACHIN, SOA

ପ୍ରକାଶିକା — ଶ୍ରୀମତୀ ଅନୁସୂୟା ଦେବୀ
'କବିତା - କୁଟୀର'
ଲାଞ୍ଜିପୁର (ବଲାଙ୍ଗୀର)

•••

ପ୍ରଚ୍ଛଦପଟ ଶିଳ୍ପୀ — ଶ୍ରୀ ଅମିତ ମୁଖାର୍ଜୀ

•••

ମୁଦ୍ରାକର — ଶ୍ରୀ ବାସୁଦେବ ପାଠୀ
ଶ୍ରୀ ନୀଳପ୍ରେସ, ପୁରୀ ।

•••

ପ୍ରଥମ ପ୍ରକାଶ — ମହାଳୟା,
୧୯୭୦

•••

(ସର୍ବସ୍ୱତ୍ୱ ସଂରକ୍ଷିତ)

•••

ମୂଲ୍ୟ — ଏକଟଙ୍କା ପଚାଶ ନୂଆପଇସା
(ଅତିରିକ୍ତ ନାହିଁ)

•••

Digitized by PPRACHIN, SOA

ସହୃଦୟ ପାଠକ ପାଠିକାମାନଙ୍କ ହାତରେ

— ଲେଖକ



Digitized by PPRACHIN, SOA

କାହିଁକି ଲେଖିଲି ?

ସଦ୍ୟ ଜାଗ୍ରତ ଓଡ଼ିଶାର ଲେଖକ କେବଳ ବହି ଲେଖି ପେଟ ପୋଷି ନାହିଁ । ସେ ଆଶା କରିବା ମଧ୍ୟ ବୃଥା ।

ମନ ଭିତରେ ନୂଆ ଆଗ୍ରହ ନେଇ ଅଭାବ ଅନାଟନକୁ ପାଶୋରି ଦେଇ, ନୂଆ ଲେଖକଟିଏ କଲମ ଧରିଲେ, ପ୍ରକାଶକର କାର୍ଯ୍ୟସାଧନ ନିର୍ଦ୍ଦେଶ, ବହି ଦୋକାନୀର ଆଦେଶ ଓ ମୁଦ୍ରାକରର ଅନର୍ଥକ ଉପଦେଶ ଶୁଣିବାକୁ ପାଏ । ବହି ଭଲ ହୋଇଥିଲେବି ନେଇକଣ ନଥାକଥିତ ପାଠକ ବହିର ମଲାଟ ଦେଖି ବା ଖାଲି ନାଁଟି ମାତ୍ର ଶୁଣି ଗୁଡ଼ାଏ ମନମୁଖୀ ମନ୍ତବ୍ୟ ବାଢ଼ି ବସନ୍ତି ।

ଲେଖକ ବିଚରା ସବୁ ଶୁଣେ - ସବୁ ଗ୍ରହଣ କରେ । ତଥାପି ନିରାଶ ନହୋଇ ଅପେକ୍ଷା କରେ । କେତେବେଳେ କେମିତି କାନରେ ପଡ଼େ ତାର ବହିର ସହାନୁଭୂତି ସୂଚକ ଦେଇପଦ ସମାଲୋଚନା । ଲେଖକ ସୁଖୀ ହୁଏ । ସତେ ଯେମିତି ସେତକ ପାଇଁ ସେ ଅପେକ୍ଷା କରିଥିଲା ! ତାହାହିଁ ତାର ସୁଦୀର୍ଘ ସାଧନାର ଫଳ !!

ବହି ଲେଖିବାରେ ଅନେକ ମୋତେ ଅନେକ ପ୍ରକାର ଉତ୍ସାହ ଦେଇଛନ୍ତି । ସେମାନଙ୍କ ଉତ୍ସାହ ମୋର କଲମରେ ନୂତନ ଶକ୍ତିର ସଂଚାର କରିଛି । ସେଥିପାଇଁ ସେ ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ ।

ଏ ବହି ଲେଖିବାର ଉଦ୍ଦେଶ୍ୟ - "ଆଧୁନିକ ସଭ୍ୟତାର ନଙ୍ଗଳା ଗୁଡ଼ି ନେଇ ଯେଉଁମାନେ ସ୍କୁଲ କଲେଜରୁ ଓହ୍ଲାଇ ଆସୁଛନ୍ତି, ସେମାନେ ଭାବୁଛନ୍ତି ଅନେକ ଆଗେଇ ଗଲେ । ସମାଜକୁ ନିର୍ଦ୍ଦେଶ ଦେବା ଯୋଗ୍ୟତା ହାସଲ କଲେ । × × ମୁଁ ଚାହୁଁଛି ସମାଜର ଭବିଷ୍ୟତ କର୍ଣ୍ଣଧାର ସୁସ୍ଥ ହୁଅନ୍ତୁ, ସବଳ ହୁଅନ୍ତୁ । ତାଙ୍କୁ ସତର୍କ କରିଦେବା ପ୍ରତ୍ୟେକ ସାହିତ୍ୟିକର କର୍ତ୍ତବ୍ୟ ।" (ପୃଷ୍ଠା ୩୦)

ସ୍ୱାଧୀନତା ଦିବସ
୧୯୬୦

ବିନୀତ—
— ଲେଖକ

Digitized by PPRACHIN, SOA

ମଣିଷର ଦେହ ଭିତରେ ଏଉଁକି ଟିକିଏ ମନ — ତାର ଅନେକ ଆଶା, ଅନେକ ଅଭିଳାଷ । ପ୍ରାପ୍ତିର ସମ୍ଭାବନା ଥିଲେ ମଣିଷ ଏହି ଆକାଶପରି ଆଶା, ସାଗରଭଳି ଅଭିଳାଷ ପଛରେ ଗୋଡ଼ାଇ ପାଗଳ ହୁଏ । ପାଇଲେ ସବୁ ଭୁଲି ଉପଭୋଗ କରେ, ବୁଡ଼ିରହି କିଛି ଦିନ ସକାଶେ ବିଭୋଳ ହୁଏ । ପୁଣି ସମୟ ଆସେ, ଅଭିଳଷିତ ବସ୍ତୁ ଉପରୁ ମନର ମୋହ କମିଯାଏ, ଥମିଯାଏ । ମଣିଷ ଅସ୍ଥିର ହୁଏ । ଭାବେ ଏଇଥିପାଇଁ ଏତେକଥା ? ଛି ! ପୁଣିଥରେ ନିଜ ଅଜାଣତରେ ମନଭିତରେ ଅଲଗା ଆଶା ଫଣା ଟେକେ । ଅସ୍ଥାୟୀ ମନ ଆକୁଳ ହୋଇ ହାତ ବଢ଼ାଏ ଆଗକୁ - ଦରଦଶା ହୋଇ ମିଶିଯାଉଥିବା ଅନ୍ୟ ଏକ ରଂଗୀନ ବସ୍ତୁକୁ । କାଗର ଶିଶୁ ନୂଆ କଣ୍ଢେଇଟିଏ ଦେଖି ପୁରୁଣାକୁ ଯେମିତି ଭୁଲିଯାଏ !

କିନ୍ତୁ ଅଭିଳଷିତ ବସ୍ତୁ ଯେବେ ହାତପାହାନ୍ତାରୁ ଘୁଞ୍ଚି ଘୁଞ୍ଚି ଯାଏ ରୂପ କାହାଣୀର ରାଜକେମା ପଦ୍ମପୋଖରୀରେ ପୁଷ୍କର ଡୋଳିଲା ଭଳି ? ମନର ପ୍ରଲୋଭନ ବଢିଯାଏ । ଅସହ୍ୟ ଉତ୍ତେଜନାରେ ଅମାନିଆ ଦେହ ଛନ୍ଦ ହରାଏ । ତନ୍ମୟ, ଲୋଲୁପ ଆଖିରେ ଅନେକ ଆଶା ବାନ୍ଧି ଈପ୍‌ସିତ ବସ୍ତୁକୁ ଅନାଏ । କଳ୍ପନାରେ ତାର ପର ଲାଗେ । ଭାବେ, ହଠାତ୍ ଯଦି ମିଳିଯାଆନ୍ତା ? ଇସ୍........ କଣ ନ କରନ୍ତା ସିଏ ?

ଦୂର ବନ ସୁନ୍ଦର ! ଦୂର ପର୍ବତ ଲୋଭନୀୟ !! ଆଶା ଦୂରେଇ ଗଲେ ଦୂର ବନଭଳି ସୁନ୍ଦର ଦିଶେ । ମଣିଷ ଏହି ଅଢ଼େଇହାତିଆ

Digitized by PPRACHIN, SOA

ଆଶା ନେଇ ବଞ୍ଚେ । ସେଇଥିପାଇଁତ ଜୀବନ ଗୋଟିଏ ଆଶା-ଗଦା ! ଯାର ଆଶା ନାହିଁ କି ଅଭିଳାଷ ନାହିଁ - ସେ ମଣିଷ ନୁହେଁ ମୁର୍ଦ୍ଦାର !

କୁମାରୀ ଆଶା ଦେବୀ ଦୂର ଦିଗ୍‌ବଳୟକୁ ଦୂରନ୍ତ ଆଶା ନେଇ ଅନେଇଥିଲେ । ଅପରାହ୍ଣର ନୀଳ ଆକାଶକୁ ଘୋଡାଇ ଦେଇଥାଏ କଳା ବାଦଲର ଧୂସର ପକ୍ଷ । ବର୍ଷା ଡେଣା ମେଲାଇ ହଲି ଦୋହଲି ଧାଉଁଥାଏ । ସୂର୍ଯ୍ୟର ନାରଙ୍ଗି ଖରା କଇଁ ଯାଉଥାଏ । ପଶ୍ଚିମ ଆକାଶର ମାଛକାତିଆ ମେଘକୁ ଭେଦିକରି ଛୁଟା ହୋଇଥାଏ ସପ୍ତରଙ୍ଗୀ ଇନ୍ଦ୍ରଧନୁଟାଏ ।

ଅଳ୍ପ ଟିକକ ପରେ ଅଦିନିଆ ମେଘରୁ ବର୍ଷା ଝରିବାକୁ ଲାଗିଲା । ପାଣିଭିଜା ପବନ ମନ ଭିତରେ ଶୀହରଣ ବୁଣି ଦେଲା । କେଉଁଠିକେ ଖରା-କେଉଁଠିକେ ବର୍ଷା । ଏମିତି ବର୍ଷା, ଏମିତି ପବନ ପ୍ରତି ତନ୍ୱୀ ଆଶା ଦେବୀଙ୍କର ଅଦ୍ଭୁତ ଆକର୍ଷଣ ରହିଛି । ଅଦିନିଆ ମେଘ ଦେଖିଲେ ମନ ଭିତରେ ଶିହରଣ ଜନ୍ମେ ।

ଆଶା ରଙ୍ଗୀନ ସୋଫାର ନରମ ତକିଆ ଉପରେ ନିଟୋଳ ଦେହକୁ ଅଉଜାଇ ଦେଲା । ସୋଫା ସାମନାର ବେଲଜିୟମ୍ ଦର୍ପଣ ଦେହରେ ତାର ନିଜର ପ୍ରତିଛବିଟି ଝଲସି ଉଠୁଛି । ଆଶାର ମନେ ହେଲା ସତେ ଯେମିତି ପ୍ରଥମଥର ପାଇଁ ନିଜକୁ ନିଜେ ଗ୍ରହିଛି । ସନ୍ତୋଷର ସ୍ୱାକ୍ଷର ନେଇ କଅଁଳ ଶିରୀଷ କେଉଁର ଗୋଲାପୀ ଓଠରେ କେମିତି ହୋଇଗଲା ମୁଠାଏ ରେଶମୀ ହସ । ଅବିନ୍ୟସ୍ତ କେଶଦାମକୁ ଚମ୍ପକଅଙ୍ଗୁଳିରେ ସଜାଡ଼ି ଦେଇ ମନେମନେ ଭାବିବାକୁ ଲାଗିଲା ସତରେ ସେ କଣ ସୁନ୍ଦରୀ ?

ମନୋଜ ତାରଫ୍ କରେ ତାର ପୋଟଲେଟରୁ ଆଖିର ଲମ୍ବାଳିଆ କଜଳଗାରକୁ । ବିକାଶ, ଉଚ୍ଛ୍ୱସିତ ନୟନରେ ଆଗ୍ରହ ମିଶାଇ ଗ୍ରହେ ରହେ ତାର ନାଗଫେଣୀଆ ବେଣୀର ଶୋଭାସମ୍ପଦକୁ । ଅଉ

Digitized by PPRACHIN, SOA

ସାହିତ୍ୟିକ ସୁମନ୍ତ ? କଣ ଯେ ସେ ଗୃହେ଼ — ବୁଝି ହୁଏ ନାହିଁ !
ପଚାରିଲେ ହସି ଦିଏ ! ସୁଦର୍ଶନ ଶ୍ରୀକାନ୍ତ ସେମିତି ଫୁଲାଇ, ଫେଣେଇ
ଅନେକ କଥା କହେ । ବହୁରୂପୀ ରୂପ ତାର । ପ୍ରକୃତ ରୂପକୁ ଧରି
ହୁଏ ନାହିଁ କି ଜାଣି ହୁଏ ନାହିଁ । ଦେଖାହେଲେ ଦେହକୁ ମୁହଁକୁ
ପିଇଗଲା ଭଳି ଅନାଇ ରହିଥାଏ । ଇସ୍, କି ଯେ ଆଖି ତାର !

କିନ୍ତୁ ସୁମନ୍ତର ହସିଲା ମୁହଁକୁ ଦେଖିଲେ ମନ ଆନନ୍ଦରେ ଭୁରୁଭୁଲା ଉଠେ । ସେ ସୁଖରେ ଯେମିତି ହସେ ଦୁଃଖରେ ସେମିତି ହସୁଥାଏ । ପଚାରିଲେ କହେ, ଦୁଇଦିନ ପାଇଁ ଦୁନିଆଁକୁ ଆସିଛୁ - ହସିବ ନାହିଁ କଣ କାନ୍ଦିବ ?

ସୁମନ୍ତର ଉପସ୍ଥିତି ମନ ଭିତରେ ମାୟା ପୁରାଇ ଦିଏ ।

ଏବେ ସୁଚରିତା ଅଣା ସୋଫା ଉପରେ ଆଉଜି ସୁମନ୍ତକୁ ମନେ ପକାଉଥିଲା ।

ଅଦିନିଆ ନୂଆ ମେଘ ମନ ଭିତରେ ପୁଲକ ବାଢୁଥିଲା ।

ଏମିତି ଏକ ଅଦିନିଆ ମେଘ ସଂଜରେ ସେଦିନ ପ୍ରଥମ କରି ଦେଖା ହୋଇଥିଲା କଲେଜ ସାଥୀ ସୁମନ୍ତ ସହିତ । ତାର ହସିଲା କଥା କେଉଁଠି କୁମାରୀ ଜୀବନରେ ଜୁଆର ତୋଳୁଥିଲା । ତନ୍ଦ୍ରା ବଭୋର ମତୁଆଲା ମନ, ଛପି ଛପିକିଆ ଭବିଷ୍ୟତ ଉପରେ ନୂଆ ଆଲୋକ ଢାଳୁଥିଲା ।

ସେତିକିବେଳେ ନିର୍ମଳ ଆକାଶରେ ଜୋଛନାର ତରଙ୍ଗ ନାହିଁ କି ନକ୍ଷତ୍ର ନୟନର ମୋହିନୀମନ୍ତ୍ର ନାହିଁ । ପଶ୍ଚିମ ବଳୟ ତଳୁ ଓହ୍ଲାଇ ଆସୁଛି ମୃତ୍ୟୁପରି ଶୀତଳ ଅନ୍ଧକାର । ଝଡ଼ ଆସନ୍ନ ପ୍ରାୟ । ଅଣା ହସନ୍ତ ଫୁଲଟିଏ ଭଳି ଢଳ ଢଳ ଆଖିରେ ସୁମନ୍ତକୁ ଅନାଇ ଥାଏ । ତାର ସମ୍ମୋହିନୀ ଆଖିରେ ପ୍ରେମର ଇନ୍ଦ୍ରଜାଲ । ଘନ ଘନ ଝିଙ୍କି ଦୃଷ୍ଟିରେ ବିଜୁଳୀର ପ୍ରଖରତା ।

Digitized by PPRACHIN, SOA

ସୁମନ୍ତର ଆଗମନ ସଙ୍ଗେ ସଙ୍ଗେ ନୀଳ ଆକାଶର ପଶ୍ଚିମକୋଣେ ଅନ୍ଧାରିଆ ମେଘର ଆସର ଜମି ଯାଇଥାଏ । ଆଶାର ଆଶାୟୀ ମନ ଭିତରେ ପ୍ରଗଲ୍‌ଭା କପୋତଟିଏ ଡେଣା ଝାଡୁଥିଲା । ଦୁହେଁ ପାଖକୁ ପାଖ ବସି ଅନେକ କଥା ହେଲେ । ମନ ପୂରାଇ ଉଭୟେ ଅନେକ ହସିଲେ ।

କୁମାରୀ ଆଶା ଭାବୁଥିଲା ସୁମନ୍ତ ହସିଲେ ଅତି ସୁନ୍ଦର ଦେଖାଯାଏ ।

ସୁମନ୍ତର ସାହିତ୍ୟରେ ଅନେକ ଜ୍ଞାନ ।

ସୁମନ୍ତର ସ୍ୱାସ୍ଥ୍ୟ ଅତୁଳନୀୟ !

ଆଉ ସୁମନ୍ତ ଭାବୁଥିଲା, ଆଶା ଫୁଟିଲା ଫୁଲଭଳି ଲୋଭନୀୟା !

ଆଶା ସୁନ୍ଦରୀ ଆଉ ସ୍ୱାସ୍ଥ୍ୟବତୀ !

ଆଶା ସୌଭାଗ୍ୟବତୀ !

ପ୍ରଥମ ଦିନର ପରିଚୟ ଦୁଇଟି ତରୁଣ ହୃଦୟକୁ ଅନେକ ଉତ୍ତେଜନା ଦେଲା । ସେହି ଉତ୍ତେଜନାରେ ଆଗ୍ରହୀ ମନର ସ୍ୱାକ୍ଷର ଥିଲା । କଲେଜରେ ହେଉ କି କଲେଜ ବାହାରେ ହେଉ ଉଭୟେ ପରସ୍ପରର ସାନ୍ନିଧ୍ୟକୁ ବେଶ୍ ଉପଭୋଗ କରୁଥିଲେ । ଜଣେ କହୁଥିଲା — ଆଉଜଣେ ଆଗ୍ରହରେ ଶୁଣୁଥିଲା । ଭୁଲା ଦରଭୁଲା ଅନେକ କଥାର ଖିଅ ଯୋଡ଼ିହୋଇ ଯାଉଥିଲା । ଅତି ନଗଣ୍ୟ କଥା-ଟିଏ ବି' କଥା ନହସରେ ଅନେକ ଦୂର ଆଗେଇ ଯାଉଥିଲା ।

ସେ ଦିନ ଟିଉଟୋରିଏଲ୍ କ୍ଲାସରେ, ସାହିତ୍ୟରେ ସର୍ବାଧିକ ନମ୍ବର ଆଣିଥିଲା ବୋଲି ଆଶାର କୁତୂହଳୀ ମନକୁ ସୁମନ୍ତ ନିବିଡ଼ରେ ଆକର୍ଷଣ କରିପାରିଥିଲା । ଆଶା କଲେଜ ଫେରନ୍ତା ସୁମନ୍ତକୁ ଅଟକାଇ ଅନେକ କଥାବାର୍ତ୍ତା ହେଲା । ପରିଶେଷରେ ତାଙ୍କର ବସାକୁ

Digitized by PPRACHIN, SOA

ଆସିବାକୁ ଶ୍ରେଷ୍ଠିଆ ନିମନ୍ତ୍ରଣଟିଏ କରିଥିଲା । ଆଶାର ହସିଲା ମୁହଁକୁ ଚାହିଁ ସୁମନ୍ତ ସମ୍ମତ ହେଲା । ସବୁ କାମକୁ ପଛେଇ ଆଶା ଘରକୁ ଆସିଥିଲା । ହସହସ ମୁହଁରେ ତାକୁ ସେଦିନ ସାଂଧ୍ୟ ଶୁଭେଚ୍ଛା ଜ୍ଞାପନ କରିଥିଲା । ତାହାହିଁ ପ୍ରଥମ ଦର୍ଶନ । ପ୍ରଥମ ଦର୍ଶନ ପରେ ଦୁଇଟି ଅନଭିଜ୍ଞ ଯୁବକ ଯୁବତୀ ଉଭୟଙ୍କର ଅଜାଣତରେ ପରସ୍ପର ପ୍ରତି ଆକୃଷ୍ଟ ହେଲେ ।

ଦୁଇଟି ଉଚ୍ଛ୍ୱସିତ ମନଉପରେ କୁହୁକର ଫସଲ ବାଡି ଦେଇ ଗଲା ଗୋଟିଏ ଅଜଣା ଆକର୍ଷଣ । ଯୌବନ ପିଢ଼ିର ସର୍ବପ୍ରଥମ ପାହାଚରେ ଛିଡାହୋଇ ସେମାନେ ସଂସାରକୁ ନୂଆ ରୂପରେ ଦେଖୁଥିଲେ । ଅତି ଜଣାଶୁଣା, ଦେଖାଦେଖା ସଂସାର ସଂପୂର୍ଣ୍ଣ ନୂତନ ଦେଖା ଯାଉଥିଲା । ସେମାନେ ଭାବୁଥିଲେ ଏ ସଂସାର କେବଳ ଯୌବନର ! ଦୁଃଖ ନାହିଁ କି କ୍ଳାନ୍ତି ନାହିଁ । ଏଇଠି ଖାଲି ସୁନାର ସ୍ୱପ୍ନ, ମାଣିକ୍ୟର ଫସଲ । ଜୀବନର ବ୍ୟର୍ଥତା, ପରାଜୟର ଗ୍ଳାନି ସବୁ ଯେପରି ସେଇଠି ସମାଧି ନେଇଥିଲା ।

ସୁମନ୍ତର ସୁନ୍ଦରୀ ଆଶା ସଙ୍ଗେ ଘନିଷ୍ଠତା ଦେଖି ସାଙ୍ଗସାଥୀ ମହଲ ଈର୍ଷାପରାୟଣ ହେଲେ । ଉଦ୍ଭଟ କଳ୍ପନାକୁ ଶସ୍ତା ଉପନ୍ୟାସର ଭାଷା ଦେଇ କଲେଜ ହତା ଭିତରେ ବୁଣି ଦେଲେ । ଅଗ୍ରହୀ କୁମାର କପୋତ କେଇଟି ରୁଚି ମୁତାବକ ଆଧାର ପାଇ ଆନନ୍ଦ ହେଲେ । ସୁମନ୍ତ ଓ ଆଶା ଏକସଙ୍ଗରେ ଚାଲୁଥିବା ଦେଖିଲେ ସେମାନେ ବେଙ୍କ-ଭାଙ୍କି ଚାହାଁନ୍ତି । ମୁରୁକି ମୁରୁକି ହସନ୍ତି । ଗୋଟିଏ ସାଙ୍ଗ ଆର ସାଙ୍ଗକୁ ଆଖିଠାରି ଦିଏ । ଆଖିରେ ଆଖିରେ କଥାବାର୍ତ୍ତା ଚାଲେ ।

ପ୍ରଣୟ ପଥରେ ପ୍ରଥମକରି ପାଦ ପକାଉଥିବା ସରଳ ସୁମନ୍ତ ଏ ବ୍ୟବହାର ଦେଖି ଶଙ୍କିଗଲା । ଚିନ୍ତାର ସଂଘର୍ଷ ଭିତରେ ପଶି କାଣ୍ଡୁଦନ ପାଇଁ ଆଶା ସଙ୍ଗେ ମିଶିବା ଛାଡ଼ି ଦେଲା ।

Digitized by PPRACHIN, SOA

ଆଶା ପ୍ରତିଦିନ ସୁମନ୍ତଙ୍କୁ ଅପେକ୍ଷା କରେ । କିନ୍ତୁ ସୁମନ୍ତ ଅପେନା । ତାଙ୍କୁ ଦେଖିଲେ କରଛଡା ଦେଇ ବାଟକାଟି ଗ୍ଲେଲେ । ସତେକି ଆଶା ସଙ୍ଗେ ତାର କିଛି ସମ୍ପର୍କ ନାହିଁ କି ନଥିଲା ।

ରୂପ ଯୌବନ ଉପରେ ଆଶାର ଅନେକ ଆସ୍ଥା ! କଲେଜର ପ୍ରାୟ ପ୍ରତ୍ୟେକ ତରୁଣ, ସିଏ ଗ୍ଲେଲଗଲ ବେଳେ ପଥହୁଡ଼ି ଅଟକି ଯାଆନ୍ତି । ପଛକୁ ବୁଲିଡ଼ି ବଡ଼ ବଡ଼ ଆଖିରେ ଅନାନ୍ତି - ସତେକି କିଛି ଭୁଲି ଯାଇଥିଲେ ! ଏବେ ହଠାତ୍ ମନେ ପଡ଼ି ଯାଉଛି !! ଅଥଚ ସୁମନ୍ତ ! ଆଶା ଅଶ୍ଚର୍ଯ୍ୟ ହେଲ ।

ଆଶା ସବୁ ଜାଣେ । ନଜାଣିଲା ଭଳି ଅଭିନୟ କରି ଗ୍ଲେଲିଯାଏ । କମନ୍‌ରୁମ୍‌ରେ ଭୀଷଣ ଚର୍ଚ୍ଚା ହୁଏ ଏହି କଲେଜ ଯୁବକଙ୍କ ବ୍ୟବହାର ସମ୍ବନ୍ଧରେ । ଆଲୋଚନା ଯଦି କୌଣସି ନିର୍ଦ୍ଦିଷ୍ଟ ମୀମାଂସାରେ ପହୁଞ୍ଚି ନପାରିଲା, ଅଗ୍ରଣୀ ଛାତ୍ରୀମାନେ ପ୍ରକ୍ସିର ବନ୍ଦୋବସ୍ତ କରନ୍ତି ।

ସିପ୍ରା କହେ, ଆଜିକାଲିକାର ତରୁଣମାନଙ୍କର ସିଭିକ୍ ଜ୍ଞାନ ମୋଟେ ନାହିଁ । ନାରୀ ଜାତିକୁ ସମ୍ମାନ ଦେଇ ଶିଖି ନାହାନ୍ତି । କେଉଁ ମଫସଲି ଅଶିକ୍ଷିତ ଅନ୍ଧାରୀ ମୁଲକରୁ ଆସିଛନ୍ତି କେଜାଣି ?

ସ୍ୱାତୀ ସିପ୍ରା କଥାରେ ଏକମତ ହୁଏ । କହେ, ସବୁ ତରୁଣ ମନ ସେଇଯ୍ୟାଲୋ ! ଭାରି ଦୁର୍ବଳ ସେମାନେ । ସେମାନଙ୍କ ପିଆସୀ ଆଖିର ଲୋଲୁପ କଟାକ୍ଷକୁ ଜବତ୍ କରିବାକୁ ହେବ । ତାଙ୍କ ବିରୁଦ୍ଧରେ ସ୍ୱାଭିମତ ସଂଗ୍ରାମ କରିବାକୁ ହେବ ।

ସିପ୍ରା ସାହିତ୍ୟିକ ଭାଷାରେ ମନ୍ତବ୍ୟ କରେ ଆମର ଗୋଟିଏ ସ୍ୱତନ୍ତ୍ର ଅସୋସିଏସନ୍ ଦରକାର, ଆନ୍ଦୋଳନ ଦରକାର । ପୁରୁଷ ପିଲାଙ୍କୁ ଚେତାଇ ଦେବା ଉଚିତ ଯେ ଆମେ ତାଙ୍କଠୁ କୌଣସି କ୍ଷେତ୍ରରେ ନ୍ୟୁନ ନୋହୁଁ ! ବରଂ ରୂପ, ଗୁଣ, ସୌନ୍ଦର୍ଯ୍ୟବୋଧ ଇତ୍ୟାଦି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଉପରେ ଆମର ସ୍ୱତନ୍ତ୍ର ସ୍ଥାନ ରହିଛି,

Digitized by PPRACHIN, SOA

ଆଉ ସେ ସ୍ଥାନଗୁଡ଼ିକ ନାଁଷ୍ଟ ଜାତ ପାଇଁ ସବୁଦିନକୁ ସ୍ୱତନ୍ତ୍ର ଭାବରେ ସଂରକ୍ଷିତ, ନିରଙ୍କୁଶ ।

କୁମାରୀ ମୃଦ୍ଧା ଆଲୋଚନାରେ ଉପସ୍ଥିତ ଥାଇବା' କିଛି ମନ୍ତବ୍ୟ ପ୍ରକାଶ କରେ ନାହିଁ । ଉପରେ ଯାଞ୍ଚ ଅନାହୂତ ଚର୍ଚ୍ଚା କରିବା ତାର ଆଚରଣର ବାହାରେ । କଥାର ଗତିକୁ ଖାଲି ନଜର ରଖିଥାଏ । ମୋଡ ଉପରେ ପହୁଞ୍ଚି ବାଟବଣା ହେଲେ ବେଳେବେଳେ ଚେତାଇ ଦିଏ ! ମୃଦ୍ଧାକୁ ସମସ୍ତେ ତାଙ୍କର୍ କରନ୍ତି ସତ କିନ୍ତୁ ତାର ଆଦର୍ଶ ଭରା ଉପଦେଶ ସମସ୍ତଙ୍କର ପସନ୍ଦକୁ ଆସେ ନାହିଁ ।

ଆଶାଦେବୀ ମୃଗଧାର କଥା ଶୁଣିଲେ ହସି ଦଅନ୍ତି । ସେ ହସ ମନର ଅପସନ୍ଦକୁ ବ୍ୟକ୍ତ କରେ - ଅସମର୍ଥନ ସୂଚକ ଲହରୀଅ ନିଃଶ୍ୱାସ କହେ - ଏଇ ବୁଦ୍ଧି ନେଇ ପାଦ ବଢ଼ାଇବୁ ? ଛୁଃ, ଓଲିହା !

ସେ ଦିନର ଆଲୋଚନା ଅମୀମାଂସିତ ରହିଗଲା ବେଳେ ମୃଗଧାର ମତ ପଚାରି ହେଲା । ମୃଗ୍ଧା କହିଲା, ମୁଁ ଯାହା କହିବ ଶୁଣିବ ?

ଯଦି ପସନ୍ଦକୁ ଆସେ - ଆଶା ଉତ୍ତର ଦେଲା ।

ସତକଥା ସବୁବେଳେ ଅପ୍ରିୟ ହୁଏ । ସେ କଣ ପସନ୍ଦକୁ ଆସିବ ?

ଯଦି ଯୁକ୍ତି ଭିତରେ ରହେ - ସିପ୍ରା କହିଲା ।

ମୁଁ ଯୁକ୍ତି ବାହାରକୁ ଯିବ ନାହିଁ ସିପ୍ରା । ପରକଥା ଆଲୋଚନା କରିବା ପୂର୍ବରୁ ନିଜକୁ ନିଜେ ସମାଲୋଚନା କରି ଦେଖିବା ସବୁ-ବେଳେ ଭଲ । ନିଜେ ସଂଯତ ହେଲେ ସବୁ କଥାର ସମାଧାନ ହୋଇଯାଏ । ଦୁର୍ବଳତା ନ ଦେଖିବାଯାଏ ଅଚିହ୍ନା ଲୋକ ଭୟ କରେ । ପାଖ ମାଡ଼େ ନାହିଁ ।

ମାନେ ? ସ୍ୱାତୀ ପଚାରିଲା - ଏହି ବଦ୍‌ଖିଆଲୀ ତରୁଣ ସମାଜର ଅପତ୍ତିଜନକ ବ୍ୟବହାର ମୂଳରେ କଣ ଆମର ନିଜର ଦୁର୍ବଳତା ଅଛି ? ତାଙ୍କର ସେହି ଡାହାଣୀ ଆଖିକୁ ଆମେ କଣ ନିମନ୍ତ୍ରଣ କରୁ ?

Digitized by PPRACHIN, SOA

କ୍ଷମା କରିବୁ ସିତା ! ତୋର ଏହି ବଙ୍ଗାଳୀ- ବେଣୀରେ ତୁ ଅନେକ ଫୁଲ ମାରୁ । ତେଣୁ ଅପରିଚିତ ଯୁବକର ଆଖି ଅଟକି ଯାଏ ବେଳେବେଳେ ।

ଆଉ ମୁଁ ? ସିପ୍ରା ପଚାରିଲା ।

ତୋ ମନକୁ ପଚାରୁନୁ ? ମୁଗ୍ଧା ଉତ୍ତର ଦେଲା ।

ମନ ପୁଣି କଥା କହିବ ? ମୋ'ର ଅନ୍ତରରେ ମନ । ମୁଁ ତ କାହିଁ ବେଣୀରେ ମୋର ଫୁଲ ଦିଏ ନାହିଁ ।

ମନ କଥା କହେଲେ ସିପ୍ରା ! ବେଳେବେଳେ ମନ ଶରୀରକୁ ଅନୁଭବ କରେ ! ତୁ ସିନା ବେଣୀରେ ଫୁଲ ମାରୁନାହୁଁ, ତୋର ଆଖିରେ ଫୁଲର କଥା କହୁ । ନରମ ଗାଲର ବେଜ ପାଉଡ଼ର ଆଉ ରକ୍ତ ଅଧରର ଲିପଷ୍ଟିକ୍ ଦାଗ ବେଣୀ ଫୁଲଠାରୁ ଆହୁରି ମୁଗ୍ଧ କଥା କହେ ।

ମୋ'ର ସମ୍ବନ୍ଧରେ ମାନ୍ୟବର ବିଚାରପତିଙ୍କ ମନ୍ତବ୍ୟ ଶୁଣି ପାରେ କି ? କୁମାରୀ ଆଶା ଦେବୀ ଅଗଭର ହୋଇ ପଚାରିଲେ ।

ତୁ'ତ ଜାଣୁ ଆଶା ମୁଁ ସ୍ପଷ୍ଟବାଦୀ ବୋଲି ଅନେକ ବଦନାମ୍ ପାଇଛି । ସେ ବଦନାମ୍ ପ୍ରତି ଆଉ ମୋର ଆଗ୍ରହ ନାହିଁ କି ଉତ୍କଣ୍ଠା ନାହିଁ । ମୋତେ କ୍ଷମା ଦେବୁ ।

ମୁଗ୍ଧା ଜାଣେ ଆଶା ତାର ପ୍ରତ୍ୟେକ କଥାକୁ ବିରୋଧ କରେ । ଭଲରେ ହେଉ କି ମନ୍ଦରେ ହେଉ । ଭଲ କହିଲେ ବି' ଭୁଲ ବୁଝି ସମାଲୋଚନା କରେ । ତେଣୁ ଆଶା ଉପରେ ଟିପ୍ପଣୀ ଦେଇ ଆସନ୍ନ ବିରୋଧକୁ ଏଡ଼େଇ ଦେବା ଭଲ ।

ତୋତେ ବିଦ୍ୟାବଣ ! କହିଲା--ଆଶା ଜୋରକଲା ମୁଗ୍ଧାକୁ !

ବିଦ୍ୟା ନାଁରେ କହୁଛି ଆଶା, ତରୁଣ ଯୁବକଙ୍କ ଆଗରେ ତୋର ଛରଙ୍ଗ ତରଙ୍ଗ ଢଙ୍ଗ ଚପଳ ଅସମୀଚୀନ । ବଡ଼ଶ୍ ଉପରେ ସେ

Digitized by PPRACHIN, SOA

ଝାଇଟ୍ ଫିଟ୍ ବ୍ଲାଉଜ ତୁ କାହିଁକି ପିନ୍ଧୁ ନାହୁଁ ? ଭାରତୀୟ ତରୁଣୀର ସ୍ୱଭାବ ସୁଲଭ ଲଜ୍ଜ୍ୟାକୁତ ଆମେ ତ୍ୟାଗ କଲେ, ତାର ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଶିକ୍ଷାର ଖୋଳପା ଭିତରେ ବନ୍ଦନୀ ହୋଇ ମନେ କରୁଛୁଁ, ଆମେ ସୁଶିକ୍ଷିତା, ସଭ୍ୟା ! କିନ୍ତୁ ଆମର ମନେ ରଖିବା ଉଚିତ ଯେ ଆମ ଦେଶର ଜଳବାୟୁ ଭିନ୍ନ,ଆମର ଆଦର୍ଶ ପୃଥକ୍, ଆମର ସଂସ୍କୃତି ଓ ସଭ୍ୟତା ଉଚ୍ଚ ସ୍ଥାନୀୟ ।

ଓଃ-ତୋ ମତରେ ଓଡ଼ଣାଦେଇ ଘରର କୋଣରେ ବୋଧ-ହୁଏ ଲୁଚିବା ଉଚିତ ଥିଲା । ତୁ ଆଜ କଲେଜ ମାଡ଼ୁଥିଲୁ କାହିଁକି କହିଲୁ ? ତୋର ଭଳି ଆଉ ଗଣ୍ଡେ କ ପାଞ୍ଚୁଟା ମୁଗ୍‌ଧା ବାହାରି-ପଡ଼ନ୍ତେକି ଏ ଦେଶର ଉଚ୍ଚ ସ୍ଥାନୀୟ ସଂସ୍କୃତି ବୋଧହୁଏ ଅଧୁର ଊର୍ଦ୍ଧ୍ୱଗାମୀ ହୋଇ ମଙ୍ଗଳ ଗ୍ରହରେ ପହଞ୍ଚି ଯାନ୍ତା ! ଏକାବେଳକେ 'ସ୍ପୁଟ୍‌ନିକ୍‌ଡ଼' !

ସମସ୍ତେ ହସି ହସି କମନ୍‌ରୁମ୍ ଛାଡ଼ିଲେ !

ମୁଗ୍‌ଧାର ମନ୍ତବ୍ୟ ସମ୍ବନ୍ଧରେ ମନଭିତରେ ଭାବି ହେଲେ ସେମାନେ । ବେଣୀରେ ସାମାନ୍ୟ ଫୁଲ ଗଜରାଟିଏ, ମୁହଁରେ ଟିକିଏ ସ୍ନୋ ପାଉଡର, କ ଓଠରେ ଦୁଧାର ଲିପ୍‌ଷ୍ଟିକ୍ ବୋଲିଦେଲେ ତରୁଣର ମନ ଯଦି ଚଳଚଞ୍ଚଳ ହୋଇଉଠେ, ସେମାନଙ୍କ ମନ ଭିତରେ ଯଦି କିଛି ଗୋଟିଏ ଗମ୍ଭୀର ରେଖା ଅଙ୍କନ କରାଯାଇ ପାରେ, ତେବେ ସେମାନେ ତହିଁକି କୃପଣ ହେବେ କାହିଁକି ?

ତହିଁଆରଦିନ ମୁଗ୍‌ଧା ଦେଖିଲା, ସୀତା ବେଣୀମୂଳର ଫୁଲମାଳକୁ ଙ୍କାଣିଶୁଣି ଗଳା ତଳକୁ ଖସାଇ ନେଇଛି । ମଞ୍ଜୀମାଳ ଭିତରେ ସୁରଭିତ ଚମ୍ପା ଯୋଡ଼ିଛି । ଦେହରେ ବେକରେ ଡେଙ୍କାନ୍ - କ୍ରିମ୍ ବୋଳି ହୋଇଛି । ରୀତାର ଅନ୍ତରେ ଇଚ୍ଛା, ଚପଳ ତରୁଣ ଦଳ ତାର ବେଣୀ ଫୁଲର ମନ ମତାଣିଆ ଗନ୍ଧରେ ଆକୃଷ୍ଟ ହୁଅନ୍ତୁ !

Digitized by PPRACHIN, SOA

ତାର ଶରୀର ନିସୃତ ଡେକାନ୍ କୁଇନ୍‌ର ସୌରଭ ସେମାନଙ୍କୁ ସମ୍ମୁଗ୍ଧ କରୁ ।

ଆଉ ତରୁଣୀ ସିପ୍ରା ? ଗାଲରେ ଅଧିକ ପାଉଡର ଦେଇ ଦୀର୍ଘ ସମୟ ଧରି ଘଷି ଥିଲା । ଗାଲ ତମ ମନ୍ଦାର ପାଖୁଡ଼ା ଭଳି ନରମି ଯାଇ, ରକ୍ତ ପରି ଝଲ୍‌ମାରେ ଯାଏ ଅପେକ୍ଷା କରିଥିଲା ! ଓଠର ଦୁଇଟିରେ ଲଘୁ ରଙ୍ଗ ଆଣିବା ପାଇଁ ହୁଏତ ଅନେକ ଚେଷ୍ଟା କରିଥିବ । ସୁଦୀର୍ଘ ସକାଳଟି ଦର୍ପଣ ଆଗରେ କଟାଇ ଦେଇଛନ୍ତି ନା କଣ ?

ଆଶା, ଆନନ୍ଦର ଆଧିକ୍ୟରେ ଅଧୀର ହୋଇ ପଡ଼ୁଥିଲା । ତାକୁ ଦେଖିଲେ ମନେ ହେଉଥିଲା ତାର ଚିର ଇପ୍‌ସିତ ବସ୍ତୁ ହାତ ପାହାନ୍ତାରେ ପଡ଼ନ୍ତି । ସେ ଉଚ୍ଛଳ ତରଙ୍ଗ ଭଳି ଛଳଛଳ ହେଉଥିଲା । ବନ୍ୟା ନଈ ଭଳି କଳକଳ ହୋଇ ବୋହି ଯାଉଥିଲା । କଜଳ ଆଖିରେ ଥିଲା ଅନେକ ସ୍ଖଳିତ ଭାଷାର ସୁପିଳ୍ପତ ବ୍ୟଞ୍ଜ ! ତାର ଚପଳ ତରଙ୍ଗ ଗୃହାଣୀରେ ବୁଣି ଯାଉଥିଲା ବିଳାସୀ ମଦିର ନିଶା ! ରଙ୍ଗୀନ୍ ଆଉ ତାଜା ! ଅତ୍ୟାଧୁନିକ ବେକ କଟା ହାଇନେକ୍ ମିଡ୍ ବ୍ଲାଉଜ୍ ଉଚ୍ଛଳ ଯୌବନକୁ ଆହୁରି ସୁସ୍ପଷ୍ଟ କରି ତୋଳୁଥିଲା । ଆଶା କଳନ୍ତା ନାଆଁ ଭଳି ସୁନ୍ଦର ଓ ଲୋଭନୀୟ ଦେଖା ଯାଉଥିଲା ।

ଉତ୍ସୁକ ଯୁବକ ସମାଜ ଦେଖିଲେ ଗାର୍ଲସ କମନରୁମ୍ ତିନୋଟି ପ୍ରଗଳ୍‌ଭା ତରୁଣୀଙ୍କର ସୁନ୍ଦର ସମାବେଶରେ ତ୍ରିବେଣୀ ସଙ୍ଗମର ମାଧୁର୍ଯ୍ୟ ଫୁଟାଇ ପାରିଛନ୍ତି ! ବିନା କାରଣରେ ସେମାନେ ବାରମ୍ବାର ଯାତାୟାତ କଲେ ତାଙ୍କର ସାମନାରେ । ସେମାନଙ୍କର ଅଦ୍ଭୁତ ଆଶା, ହୁଏତ ଏମିତି ଏକ ମାହେନ୍ଦ୍ର ଲଗ୍ନ ଜୁଟିବ, ଯେତେବେଳେ ଏହି ସୁନ୍ଦରୀ ତରୁଣୀମାନେ ଆଖି ଫେରାଇ ଅନାଇବେ । ଦୁଇଟି ଆଖି ସଙ୍ଗେ ଆଉ ଦୁଇଟି ଆଖିର ମିଳନ ହେବ— ଗୁଟିଏ

Digitized by PPRACHIN, SOA

ଆଖି ପରସ୍ପର ଚୁପ୍ ଚୁପ୍ କଥା ହେବେ । ସେହି ଦର୍ଶନର ଆନନ୍ଦ ଅନେକ ଦିନ ଯାଏ ମନେ ରହିବ । ନିରୋଳା ଅବସ୍ଥାରେ ମନେ ପଡ଼ିଲେ ଅବଶ ଅଙ୍ଗରେ ପୁଲକ ବାଣ୍ଟି ଦେବ ।

ତରୁଣ ଛାତ୍ରମାନେ ଜଣଜଣ ହୋଇ ଗୁଳିଗଳା ବେଳେ ତରୁଣୀ ଛାତ୍ରୀମାନେ ପିଆସୀ ଆଖିରେ କଟେଇ କଟେଇ ଚାହାନ୍ତି । ଆଖିରୁ ଅନ୍ତର ହେଲେ ପରସ୍ପରକୁ ଚାହିଁ ମୁଚୁକି ମୁଚୁକି ହସନ୍ତି ! ସେ ହସ କହୁଥାଏ, ଦେଖିଲ୍ ମୋର ରୂପ ସମ୍ଭାରର ପ୍ରଖରତା କେତେ ?

ସିଏ ନୀରବ ଆଖିରେ ଜଣାଏ, ମୋର ବେଣୀର ଗନ୍ଧ ସେବତୀର ସୁଗନ୍ଧ ଠାରୁ ସରସ !

ସୁପ୍ରିୟାର ମୁଚୁକି ହସ କହେ, ମୋର ମୁଖ ମଣ୍ଡଳ ପଦ୍ମର ପାଖୁଡ଼ା ଠାରୁ କୋମଳ ଓ ସ୍ନିଗ୍ଧ !

ଆଶାର ଅପାଙ୍ଗ କହେ ମୋର ରୂପଚର୍ଚ୍ଚା ବସନ୍ତର ମଳୟ ଠାରୁ ଆହୁରି ଦୂଷ୍ଟ, ଆହୁରି ମଧୁର !

ସମସ୍ତେ ସମସ୍ତଙ୍କ ମନଭିତରେ ଭାବନ୍ତି କେବଳ ମୋର ରୂପ-ସମ୍ଭାର ତରୁଣ ଛାତ୍ରଙ୍କୁ ଆକର୍ଷଣ କରୁଛି । କିନ୍ତୁ କୁମାରୀ ମୁଗ୍ଧା ଜାଣେ, ସିଏ ତାର ସ୍ୱଳ୍ପ କେଶଗୁଚ୍ଛର ଅସମାପ୍ତତା ଦୂର କରିବାକୁ ନକଲି କେଶ ମିଶାଇ ବେଣୀ ବାନ୍ଧେ । ପୁଣି ଚିହ୍ନା ନ ପଡ଼ିବ ବୋଲି ବେଣୀ ମୂଳରେ ଫୁଲ ଖଞ୍ଜେ । ସିପ୍ରା ଉପର ବସନ୍ତ ଦାଗକୁ ଘୋଡ଼ାଇବାକୁ ସ୍ନୋ, ପାଉଡରର ଆଶ୍ରୟ ନିଏ । ଆଉ ସହ-ପାଠିନୀ ଆଶା ? ସ୍ୱାଭାବିକ ରୂପରେ ତାର ଅବଗୁଣ ନଥିଲେ ବି ଦେଖାଇ ହେବାକୁ ଭଲକି ଭଲି ବେଶ ହୁଏ । ପ୍ରଜାପତି ମନରେ ତାର ବେତ୍ରବତୀ ନଦୀର କ୍ଷିପ୍ରତା ! ଧନୀ ପିତାର ଅଲିଅଳି ଝିଅ ଆଶା, ମଧ୍ୟବିତ୍ତ ଗୃହସ୍ଥର ସାଧାରଣ ଝିଅ ମୁଗ୍ଧା ଭଳି ନୀରବ ରହିବାକୁ ନାପସନ୍ଦ କରେ ।

Digitized by PPRACHIN, SOA

ଛାତ୍ର ସମାଜର ଅଗ୍ରଣୀ ସଭ୍ୟଙ୍କ ଭିତରେ କଲେଜ ତରୁଣୀଙ୍କ ସମ୍ବନ୍ଧରେ ଅନେକ ଆଲୋଚନା ହୁଏ ! ଛାତ୍ରୀମାନଙ୍କ ବ୍ଲାଉଜ୍‌ର କନାର ରଙ୍ଗଠାରୁ ଆରମ୍ଭକରି ବେଣୀର ଫିତା ପର୍ଯ୍ୟନ୍ତ ସେମାନେ ମନେ ରଖିଥାନ୍ତି । କ୍ଲାସର ଡେଲି ଟାସ୍କ୍ ଆଉ ମନେ ପଡ଼େନା' ।

ସୁମନ୍ତ ଏଇଭଳି ଆଲୋଚନାରୁ ନିଜକୁ ଯଥା ସମ୍ଭବ ଦୂରେଇ ରଖେ ! ଗଳ୍ପ କଥା ପାଶୋରି ଦେଇ ପାଶୋରା ହସକୁ ଅଧର ପାଖକୁ ଡାକି ଆଣେ । ମୁକ୍ତ ପବନଭଳି ଦିନମାନ ଆନନ୍ଦରେ କଟିଯାଏ । ସଙ୍ଗଛଡ଼ା ବନ୍ଧୁ ପୁଣି ଥରେ ପାଖେଇ ଆସନ୍ତି । ସେମାନଙ୍କର ଦୋଷଯୁକ୍ତ ସମାଲୋଚନାକୁ ନିଜର ସରଳ ଗୁଣରେ ସୁମନ୍ତ କ୍ଷମା ଦିଏ । ସମସ୍ତଙ୍କୁ ନିଜର କରି ଆନନ୍ଦ ପାଏ ।

ଦିନ ଆଗେଇ ଚାଲେ ········ ଗଳ୍ପକଥା ସବୁ ପଛେଇ ଯାଏ । ସିପ୍ରା ଓ ଖ୍ୟାତା ପ୍ରଥମ ବର୍ଷ ପରୀକ୍ଷାରେ ଅଟକିଯାଇ କଲେଜ ଛାଡ଼ିଦିଅନ୍ତି । ମୁଗ୍ଧା ଓ ଆଶା, ସୁମନ୍ତ ସାଥିରେ ଆଗେଇ ଚାଲନ୍ତି । ସାଙ୍ଗ ସାଥିମାନେ ଚିହ୍ନନ୍ତି, ସୁମନ୍ତ କିଏ ଆଶା କିଏ । ସୁମନ୍ତ ଉପରେ କଟୁକ୍ତି ପ୍ରୟୋଗ କରିଥିବାରୁ ନିଜକୁ ନିଜେ ଦୋଷୀ ସାବ୍ୟସ୍ତ କରନ୍ତି ! ଚଞ୍ଚଳ ପାଣି ଥମିଯାଏ କିନ୍ତୁ ଆଶା ?

ସମସ୍ତଙ୍କ ଆଖିରେ ଅନନ୍ୟା ଆଶା ଜ୍ୱଳାମୟମାନ ଅଗ୍ନି କଣିକା ! ଦେହରେ ମନରେ ଅନେକ ଅଭିଳାଷ, ଅନେକ କ୍ଷୁଧା ନେଇ ସେ ବିଚରଣ କରେ । ତାର ପଦ ଧ୍ୱନିରେ ଛନ୍ଦିତ ହୋଇ ଉଠେ ଅନେକ ଅଳସ ଗତିର ଆଳସ୍ୟ ! 'ସଜବାଣୀ'ର ହାସ୍ୟ ଓ ଲାସ୍ୟମୟୀ ତରୁଣୀଭଳି ମୁଖ ଭଙ୍ଗୀରେ ଅନେକ କଥା ଜଣାଏ ! ଦର୍ଶକଙ୍କୁ ବିମୁଗ୍ଧ କରି ସେ ଖିଲ୍‌ଖିଲ୍ ହୋଇ ହସେ, ଦର୍ଶକ ସମଗୋତ୍ରୀ ହୋଇଥିଲେ ସେ ଅପାଙ୍ଗ, ସେ ହାସ୍ୟର ଅର୍ଥ ବୁଝେ । ତାର ବିଲୋଲ ଆଖିର ଅପାଙ୍ଗବୃତ୍ତି ଭିତରୁ ନିଜକୁ ଛଡ଼େଇ ରଖେ ।

Digitized by PPRACHIN, SOA

ସମୟ ସମୟରେ ଆଶାର ଦାମିକା ପରିଚ୍ଛଦରେ ସମ୍ପୂର୍ଣ୍ଣ ଅସ୍ୱାଭାବିକତା ଫୁଟି ଉଠେ ! କଲେଜ ଛାତ୍ରଠାରୁ ଆରମ୍ଭକରି ତରୁଣ ଅଧ୍ୟାପକ ପର୍ଯ୍ୟନ୍ତ ସମସ୍ତଙ୍କ ମନ ଭିତରେ ସାମୟିକ ବିଚ୍ୟୁତି ଆସେ । ସେ ସମଗ୍ର କଲେଜ ଭିତରେ ଗୋଟିଏ ବିରାଟ ପ୍ରଶ୍ନବାଚୀ ହୋଇ ଛିଡାହୁଏ । ସତେକି ଭାନୁମତୀ ଦେଶର ସୁନାନାକୀ ଝିଅ !!

ଆଶା ଯୌବନର ପହିଲି ପାହାଚରେ ପାଦ ଦେଇ ଦୁନିଆକୁ କଳ୍ପନାର ରଙ୍ଗ ବୋଲି ଚାହିଁଛି । ଧନୀ ପିତାର ସ୍ନେହଶୀଳା ସନ୍ତାନ ଭାବରେ ସେ ଖାଲି ହସିଛି ଓ ହସାଇଛି ! ଦୁଃଖ ଓ ଦୈନ୍ୟର ତଠ ସ୍ପର୍ଶ କରି କେବେ କାନ୍ଦିନାହିଁ । ପ୍ରାଣ ତାର ପ୍ରାଚୁର୍ଯ୍ୟର ପୁଷ୍କରିଣୀ ଭିତରେ ପହଁରି ପହଁରି ଖେଳୁଛି - ଜୀବନ ତାର ସୁଖ ସୌଭାଗ୍ୟର ହୋରି ଖେଳରେ ବ୍ୟସ୍ତ ଅଛି । ହୁଏତ ଧକ୍କା ନ ଖାଇଲା ଯାଏ ସେ ବିସ୍ତର ଖେଳିବ .... ଜୁଆରିଆ ଯୌବନର ଚପଳତା ନ ଭାଙ୍ଗିଲା ଯାଏ ପାଣି ସୁଅର ପଥର ଦାନ୍ତକୁ ବି’ ମାନିବ ନାହିଁ ।

ଆଶାର ଚପଳତା ଭିତରେ ବାନ୍ଧିହୋଇ ଅନେକ ଅପରିଚିତ ତରୁଣ ନିଜକୁ ବନ୍ଧୁବୋଲି ପରିଚୟ ଦିଅନ୍ତି । ତାର ସାନ୍ନିଧ୍ୟ ପାଇ କୃତକୃତ୍ୟ ହୁଅନ୍ତି । ଗୋଲାପୀ ଓଠର ହାଲ୍କା ହସ, ଆଖି ପତାର ସହଜ ସୁନ୍ଦର ଭ୍ରୂବିଳାସ ଅନେକ କବିତାର ଆଧାର ହୁଏ । ଆଶା ଖୁସିହୁଏ ! ଜୀବନ ଯୌବନର ତରଣୀ ଉପରୁ ବେପରୁଆ ଆହୁଲ ମାରେ । ଲକ୍ଷ୍ୟହୀନ ସେ ଯାତ୍ରା - ଅଗମ୍ୟ ସେହି ଅଲକ୍ଷ ଯାତ୍ରାର ପଥ । ତଥାକଥିତ ବନ୍ଧୁ ତାର ରୂପର ସୌରଭରେ ମୁଗ୍ଧ ହୁଅନ୍ତି-- ତାକୁ ରାସ୍ତାଘାଟରେ ଦେଖି ଅଭିନନ୍ଦନ ବାଢନ୍ତି —

କିନ୍ତୁ ଆଶା ଦେଖେ ସୁମନ୍ତ ଫେରେନାହିଁ -- ନିର୍ଜନ ସଡକରେ ସେ ଆସୁ ଆସୁ ଆଶାକୁ ଆସୁଥିବାର ଦେଖିଲେ ବାଟ ଭାଙ୍ଗି ଚାଲିଯାଏ-- ସୁମନ୍ତର ଆଗ୍ରହହରା ମନରେ ଆକାଶୀ ରଙ୍ଗ ବୋଳିବାକୁ ଅନେକ

Digitized by PPRACHIN, SOA

ଫିକର ଚୋଖେ ଆଶା ! କିନ୍ତୁ ନିରାଶ ହେବାହିଁ ସାର ହୁଏ — କାଳ କଟିଯାଏ, କିନ୍ତୁ କପୋତ ଧରା ଦଏନା । ମନ ତାର ହାହାକାର ଭିତରେ ଆର୍ତ୍ତନାଦ କରେ ।

କଲେଜର ପ୍ରଥମ ବର୍ଷ ଅଭିନବ କଳ୍ପନା ଓ ଔତ୍ସୁକ୍ୟ ଭିତରେ କଟିଗଲା । ପରୀକ୍ଷା ଫଳ ବାହାରି ଦ୍ୱିତୀୟ ବର୍ଷରେ ପଦାର୍ପଣ କଲା-ବେଳେ ଅନେକ ସାଙ୍ଗ ସାଥୀ ଦୂରେଇ ଯାଇଥିଲେ । ବାକି ଯେଉଁମାନେ ଥିଲେ ସେମାନଙ୍କ ମନ ଭିତରେ ପ୍ରଥମ ବର୍ଷର ଅଜଣା ସଙ୍କୋଚ ନଥିଲା । ସେମାନେ ପରସ୍ପର ପାଖେଇ ଆସି କାଳେ ଅନ୍ୟକୁ ବୁଝି-ବାକୁ ଚେଷ୍ଟା କରୁଥିଲେ । ମୁଗ୍ଧତା ଓ ଆଶା ଭିତରେ ଯେମିତି ବନ୍ଧୁତାର ଡୋରି ଦୃଢ଼ ହୋଇଥିଲା, ପ୍ରଶାନ୍ତ ଓ ଶ୍ରୀକାନ୍ତ ଭିତରେ ସେମିତି ସହୃଦୟତା ବୃଦ୍ଧି ପାଇ ଥିଲା ।

ରୀତା ଓ ମିତ୍ରା ପାଖରୁ ଆଶା ଓ ମୁଗ୍ଧତା ଚିଠି ପାଆନ୍ତି । ରୀତାର ଚିଠି ଭିତରେ ଗୋଟିଏ କରୁଣ ସ୍ୱର ଝଙ୍କାର ହୋଇଥାଏ । ସେ ଲେଖେ, କଲେଜର ପରିବେଷ୍ଟନୀ ଗାଁ ଗହଳର ଅପନ୍ତ୍ରସ୍ତ ବାୟୁମଣ୍ଡଳ ଠାରୁ ଅନେକ ଭିନ୍ନ । ଅନେକ ଉଦାର । ଗାଁ ଭିତରେ କଲେଜର ସେହି ଉପଭୋଗ୍ୟ ରୋମାଞ୍ଚ ନାହିଁ କି ସ୍ୱାଧୀନତା ନାହିଁ । ସହରରେ କିଛିଦିନ କଟାଇ ଦେଇ ଗାଁକୁ ଫେରିଆସିଲେ ମନେହୁଏ ସତେ ଯେମିତି ଗୋଟିଏ ସଂପୂର୍ଣ୍ଣ ଅପରିଚିତ ଗ୍ରହ ଉପରେ ପାଦ ପଡ଼ିଲା । ସବୁ କଥାରେ ସମାଜ ଓ ସଂସ୍କୃତିର ନିଗଡ଼ ଫାଶ । ସଉଜ ମଜଲିସର ଏକାବେଳକେ ସ୍ୱପ୍ନ — ଉଦାସିଆ ବାତାବରଣ ଭିତରେ ରହି ମନର ସବୁ ସରାଗ ଭାଙ୍ଗିଯାଏ — ରୂପ ବଦଳ ପୋଷାକ ପରିଚ୍ଛଦ ବା ନୂଆ ଡିଜାଇନ୍‌ର ପ୍ରସାଧନ ସାମଗ୍ରୀ ବ୍ୟବହାର କରିବାତ ଦୂରର କଥା, ଦେଖିବାକୁ ବି ମିଳେନାହିଁ । ନା ଅଛି ଜୀବନ, ନା ଜୀଇଁବାର ସ୍ୱାଦ ।

Digitized by PPRACHIN, SOA

ସ୍ୱାତୀ ଚିଠିର ଶେଷାଂଶରେ ଅତୀତ ପାଇଁ ଅନୁତାପ କରି ଲେଖେ, ଅକାରଣଟାରେ ଜୀବନର ଗୋଟିଏ ବର୍ଷ ବିତିଗଲା ! ମରୀଚିକା ପଛରେ ଅନୁଧାବନ କରି 'କେରିଅର'ଟା ନଷ୍ଟ ହେଲା ଯାହା । ଭଲଭାବରେ ପଢ଼ାଶୁଣା କରି ପାଶ୍ କରି ପାରିଥିଲେ ହୁଏତ ଦ୍ୱିତୀୟ ବର୍ଷର ରହଣି ସହାଶେ ପଥ ପରିଷ୍କାର କରି ହୋଇଥାନ୍ତା ।

ତା ପରେ ପରେ ହଠାତ୍ କଲମର ଶୃଙ୍ଖଳ ଗତି ବାଧା ପ୍ରାପ୍ତ ହୋଇଛି — କଲମ ମନକୁ ଅନେକ ପରୀକ୍ଷା କରି ଯାହା ବୋଧହୁଏ ଧାଇଁ ଚାଲିଛି ! ଅକ୍ଷର ଗୁଡ଼ିକ ଆଗ ଲାଇନ ଅପେକ୍ଷା ସରୁସରୁ — ଚପାଚପା ! ଲେଖିବା ପୂର୍ବରୁ ଲେଖିବ କି ନାହିଁ ବୋଲି ଅନେକ ସମୟ ଯାଏ ଭାବି ହୋଇଛି । ବାଧ୍ୟହୋଇ ଲେଖିଛି, ଗଲା ହପ୍ତାରେ ମୋର ବାହାଘର ପ୍ରସ୍ତାବ ପଡ଼ିଥିଲେ ! ବୋଧହୁଏ ଦିନେ ଦି'ଦିନ ଭିତରେ 'ସେମାନେ ମତେ' ଦେଖିବାକୁ ଆସିବେ । ଆଉ କଥା ପରେ ଲେଖିବି ।

ମୁଗ୍ଧା ଓ ଆଶା ଶେଷାଂଶଟିକ ପଢ଼ି, ପଡ଼ି ଉଠି ହସନ୍ତି । ଏଇ ସ୍ୱାତୀ ! କଲେଜରେ ପଢ଼ିଲାବେଳେ ଭଲିକି ଭଲି ବେଣୀ ବାନ୍ଧି ଆସେ, କେଶ ପ୍ରସାଧନ ଉପରେ ଲମ୍ବା ଲମ୍ବା କଥା କହେ । ପୋଷାକ ପରିଚ୍ଛଦ ନେଇ ସମସ୍ତ କଲେଜକୁ ଲିଡ୍ କରେ, ସିଏ ପୁଣି ସେହି ଗତାନୁଗତିକ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛି, ଓଡ଼ଣୀ ଦେଇ ଚୁପ୍‌ଚାପ୍ ବସିବ । ସଂସାର ଭାଙ୍ଗି ଚୁରମାର ହୋଇଗଲେ ବି' ନିଜ ପରିବାରର କୁନି - ସଂସାରକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରିବ !

ଆଶା ମୁଗ୍ଧାକୁ ପଚାରେ, ନାରୀ ଜୀବନ କଣ ବିବାହ ବେଢ଼ାରେ ବନ୍ଧା ? ବିବାହ ନ କରି ଅନ୍ୟ କିଛି ପନ୍ଥା ନାହିଁ ? ଚିର କୁମାରୀ ଜୀବନର କଣ ସାର୍ଥକତା ନାହିଁ ? ସ୍ୱାଧୀନ ଭାବରେ ରହି ଜୀବନଯାପନ କରିବା କଣ ତା'ର ଅଧିକାରର ବାହାରେ ??

Digitized by PPRACHIN, SOA

ମୁଗ୍‌ଧାର ଉତ୍ତର ସଂକ୍ଷିପ୍ତ ହେଲେବି ସୁସ୍ପଷ୍ଟ । କହେ, ନାରୀ ସ୍ୱାଧୀନ ଜୀବନ ଯାପନ କରିବା ଅସମ୍ଭବ ନହେଲେବି କଷ୍ଟସାଧ୍ୟ । ମନକୁ ନିର୍ଜୀବ ପଥର କଲେ ଚଳିବ ।

ତଥାପି ....

ମୁଗ୍‌ଧା ଓ ଆଶାର ତରୁଣୀ ମନ ବିବାହ ପ୍ରଶ୍ନ ଭିତରେ ପଶି ଇତସ୍ତତ ହୁଅନ୍ତି । ନିଜ ନିଜର ସଂକୀର୍ଣ୍ଣ ଦୃଷ୍ଟି କୋଣ ନେଇ ସେମାନେ ସମାଧାନର ପଥ ଖୋଜନ୍ତି । କିନ୍ତୁ ପାରନ୍ତିନି । ତାଙ୍କର ଏହି ସମାଧାନ ପଥର ସମସ୍ତ ଭାବଭାଷା ବ୍ୟସ୍ତତା ଭିତରେ ଲୁପ୍ତ ହୁଏ ।

ଦୁହେଁ ସୀତାକୁ ଚିଠି ଲେଖନ୍ତି । ଦୁହେଁ ଆଶୀର୍ବାଦ ପଠାନ୍ତି, ବିବାହ ସମ୍ବନ୍ଧ ତୋର ପକ୍‌କା ହେଇଗଲେ ସୀତା ! ଆମକୁ ନିମନ୍ତ୍ରଣ ଦେବୁ । ଭୁଲିବୁନି ଟି ......

ସିପ୍ରା ବେଳେବେଳେ ଚିଠି ଦିଏ ! ପାଠ ଛାଡିଦେଇ କି ବିବାହ କରି ପାରିନି ବୋଲି ତାର ମୋଟେହେଲେ ଚିନ୍ତା ନାହିଁ । ଚିଠିର ଭାବଭାଷାରୁ ବେଶ ବୁଝାପଡେ, ସିପ୍ରା ଗୃହକର୍ତ୍ତୀଟିଏ ଧରି ବେଶ୍ ଫୁର୍ତ୍ତିରେ ଅଛି । ସେଇଆ ବି ସେ ଲେଖେ । ବିବାହ ବନ୍ଧନକୁ ମୋର ସହସ୍ର ନମସ୍କାରଲୋ । ମୁଁ ହାଣ୍ଡି ମାଜି, ଚୁଲି ଫୁଙ୍କି ପାରିବି ନାହିଁ କି, ଓଢ଼ଣା ଭିଡି ଚଟୁ କରି ପାରିବି ନାହିଁ । ପେଟ ଗୃଖଣ୍ଡିକ ପୋଷିନେବାକୁ ବଳ ଥିବାଯାଏ ମୋର ସେ ବନ୍ଧନକୁ ଯାଉଛି କିଏ ? ବିବାହିତ ନୁହେ — ଷଣ୍ଢମତ ଜୁଆଳି । ଠାଣୁଆ ଯେମିତି ବୋଝ ବି ସେମିତି ।

ଆଶା ସିପ୍ରାକୁ ଅଭିନନ୍ଦନ ଜଣାଏ । ସେ ଖୁସି ହୁଏ ଯେ ସିପ୍ରା ବିବାହ ନ କରି ବି ସୁଖରେ ଅଛି । ଏହି ସୁସମ୍ବାଦ ତାର ଜୀବନ ବୀଣାରେ ନୂଆ ଝଙ୍କାର ତୋଳେ । ଭବିଷ୍ୟତ ରଙ୍ଗୀନ ଦେଖାଯାଏ ।

Digitized by PPRACHIN, SOA

କିନ୍ତୁ ମୁଗ୍‌ଧା କହେ, ସିପ୍ରା ବିବାହ ନକରି ଭଲ କରିନି’।

ଆଶା ଅନେକ ପ୍ରଶ୍ନ କରେ —

ମୁଗ୍‌ଧା କହେ, ଏବେ ବୟସ ଅଛି ବୋଲି ଦମ୍ଭ ଦେଖାଉଛି - ବୟସ ଖସିଗଲେ ସେ କରିବ କଣ ? ଘରସଂସାର ଥିଲେ ସିନା ସୁଖ - ନହେଲେ ପଚାରିବ କିଏସେ ? ସଂସାରରେ ସଭିଏ ସୁବିଧା-ବାଦୀ ! ଘର ବାହାର ମଣିଷ ସବୁବେଳେ ପର।

“ତୁ ବି’ ଏବେ ପଢା ଛାଡି ବିବାହ କରୁନୁ ?”

“କରିବି - କିନ୍ତୁ ଏବେ ନୁହେଁ। ସାଥୀଟିଏ ଯୋଗାଡ ହେଲେ ପାଠ ପଢ଼ା ଆପେ ଆପେ ବନ୍ଦ ହୋଇଯିବ।”

ତାହା ହେଲେ କଲେଜରେ ସାଥୀ ସନ୍ଧାନରେ ଅଛୁ, ନୁହେଁ ? ଇହାରୁ ମୁଗ୍‌ଧା ତୋର ସେହି ଭାଗ୍ୟବାନ୍ ସାଥୀଟି କିଏ ?? କାହା କାନରେ ପ୍ରେମର ବଂଶୀ ଶୁଣାଇବାକୁ ତୁ ଏତେ ତତ୍ପର ! କେଉଁ ଯୁବକର ଅଙ୍କଶାୟିନୀ ହୋଇ ତାର ଭବିଷ୍ୟତ ବଂଶଧରର ମାତା ହେବୁ ? କାହାର ଦେହରେ ମନରେ ରୂପ ଯୌବନର ମାୟା ଜାଲ ଘୋଡାଇ ଆଖି ବୁଜି ସ୍ୱପ୍ନ ଦେଖିବୁ ? କହୁନୁ ?

ସମୟ ଆସିନି’ ଆଶା ! ତୁ ବଳେ ଜାଣିବୁ ଯେ।

ହେଉ ଭଗବାନ୍ ! ସେ ଶୁଭଦିନ ଶୀଘ୍ର ଘଟାଅ, ଆମ ମୁଗ୍‌ଧା ପ୍ରତି ସଦୟ ହୋଇ ଶୀଘ୍ର ଘର ବର ଯୋଗାଡ଼ କରି ଦିଅ। ବିଚାରି ବାହା ହେବାକୁ ଉଛନ୍ନ ହେଲାଣି ! ଆଶା ହସୁହସୁ ହାତ ଯୋଡ଼େ।

ତୁ କଣ ବାହା ହବୁନି ଆଶା ?

ଛିଃ, ଛିଃ-ସେ ପାଳ ଶୁଣିବାକୁ ମୋର ଧୈର୍ଯ୍ୟ ନାହିଁ ମୁଗ୍‌ଧା ! କୁମାରୀ ଜୀବନ ଅନେକ ଭଲ, ଅନେକ ସୁନ୍ଦର ! ଗୁଡାଏ ପିଲା ଛୁଆଙ୍କୁ ଜନ୍ମକରି ଖୁଆଇ ପିଆଇ ସେବା କରିବାକୁ ମୋର ଶ୍ରଦ୍ଧା ନାହିଁ। ଘର ସଂସାର ସସୀମ, ସୀମାବଦ୍ଧ - କିନ୍ତୁ ଦେଖିଲୁ ଏହି

Digitized by PPRACHIN, SOA

ନୀଳଆ ମୁକୁଳା ଆକାଶ ? ଅସୀମ, ଅନନ୍ତ ! ଆକାଶ ଥିବା ଯାଏ ପଞ୍ଜୁରୀ ପକ୍ଷୀ ହେବାକୁ ମୋର ଇଚ୍ଛା ନାହିଁ ।

ଅଚ୍ଛା ! ଦେଖିବା ! ମୁଗ୍ଧା ଉତ୍ତର ଦିଏ ।

ଗୁଡ଼ାଏ ଦିନ ଫୁର୍ତ୍ତିରେ କଟିଯାଏ ।

ଅନେକ ଦିନ ପରେ ରୀତା ଚିଠି ଦେଲା । ସେ ଏକ ସୁଦୀର୍ଘ ଚିଠି । ଏତେଦିନ ଧରି ଉତ୍ତର ଲେଖି ନପାରିଥିବା ହେତୁ କ୍ଷମା ମାଗିଥାଏ । ତା'ପରେ ଲେଖେ, ପ୍ରଥମ ସମ୍ବନ୍ଧ ଭାଙ୍ଗି ଗଲାପରେ ଆଶା ! ନିର୍ବୋଧ ପୁରୁଷ ଗୁଡ଼ାଏ ଯୌତୁକ ଦାବୀ କଲା । ଯୌତୁକ ତାଲିକା ଦେଖି ଘରର ସମସ୍ତଙ୍କର ହଂସା ଉଡ଼ିଗଲା । ମୁଁ ଆଜି ସ୍ୱତନ୍ତ୍ର କେତେବେଳେ ? ସେ ସାଥୀ ଗୃହେଁନି - ଗୃହେଁ ସମ୍ପତ୍ତି ! ମୁହେଁ ମୁହେଁ ଧ'ପଦ ଶୁଣାଇ ଦେଲି । ବର ତରଫର ଲୋକେ ପ୍ରାଣ ବିକଳରେ ପଳାଇଗଲେ । ଏବେ ପୁଣି ଥରେ ଗୋଟିଏ ସମ୍ବନ୍ଧ ପକ୍କା ହୋଇଛି । ବର ପାଇଟି ଆମ ସୁମନ୍ତ ବାବୁଙ୍କର ଜଣେ ବନ୍ଧୁ ବୋଲି ଶୁଣୁଛୁ । ସୁମନ୍ତ ବାବୁତ' ଆସିବେ ନିଶ୍ଚୟ, ତୁମେ ସବୁ ମୋର ଅତିଥି ହୋଇ ହୋଇ ଆସିବଲେ ! ଅସନ୍ତା ଶତେଇଶିକି' ମୋର ନିମନ୍ତ୍ରଣ ରହିଲା । ରେଲରେ ଆସିବ - ରେଲରେ ଫେରିବ । ଅସୁବିଧା କିଛି ନାହିଁ । ନହେଲେ ଏ ଜନମଯାକ ଚିଠି ଦେବି ନାହିଁଟି ! ଭାବିବି ତୁମକୁ ବନ୍ଧୁ ବୋଲି ସମ୍ବୋଧନ କରି ଭୁଲ କରିଛି । ତାରିଖ ମନେ ରହିଲାଟି ? ସତେଇଶି ।

ମୁଗ୍ଧା ଓ ଆଶା ଆଗରୁ ସଜବାଜ ହେଲେ ।

ରୀତାର ସୁଟକେଲି ସତେଇଶି ପାଖେଇ ଆସିଲା ।

ବାହାଘରେ ଅନେକ ଲୋକଙ୍କ କାରବାର । କିଏ କେଉଁ ଦେଶରୁ ଆସି ଦିନେ ଦି'ଦିନ ପାଇଁ ଜୁଟିଥିବେ । ନୂଆ ଗାଁ ନୂଆ ଲୋକ । ଥଟ୍ଟା ପରିହାସ ଲୋକଙ୍କ ସଙ୍ଗରେ ଟିକିଏ ଥଟ୍ଟା ତାମସା !

Digitized by PPRACHIN, SOA

ଦେଇ ପାଖରେ ଠିକ୍ଏ ହଇଚଇ । ଗୋଟିଏ ହାତ ସଙ୍ଗେ ଆଉ ଗୋଟିଏ ହାତ ବନ୍ଧ ହୋଇଗଲା ! ବ୍ରାହ୍ମଣର ଶ୍ଲୋକ ଶୁଣି ସେହି ଛନ୍ଦା ହାତଗଣ୍ଠି ଠିକ୍ଏ ଦୃଢ ହେଲା । ଠିକ୍ଏ ଶକ୍ତ ହେଲା । ସେ ଗଣ୍ଠି ଜନମଯାକ ହୁଗୁଳିବାର ନୁହେଁ, କି ଫିଟିବାର ନୁହେଁ । ଯୁଗ ଯୁଗ ପାଇଁ ଗୋଟିଏ ଜୀବନ ଆଉ ଗୋଟିଏ ଜୀବନର କର୍ମ-ବନ୍ଧନ ଭିତରେ ଅଟକି ଗଲା ।

ଝିଅର ବାଉଁଶ ପାଣି ମନ୍ତ୍ର ! ବାପ ମା କହିଲେ ।

"ସର୍ବଗୁଣୀ ସୁନାନାକୀ ବୋହୂଟିଏ" ପାଖ ପଡ଼ିଶା ପ୍ରଶଂସା କଲେ ।

ଭାଗ୍ୟରେ ଥିଲେ ଏମିତ ସ୍ତ୍ରୀ ମିଳେ, ସ୍ୱାମୀ କୃତକୃତ୍ୟ ହେଲେ ।

ପ୍ରଥମେ ପରିଣୟ - ତାପରେ ପ୍ରଣୟ ! ବିବାହିତ ସ୍ତ୍ରୀ ସ୍ୱାମୀର ନିଶ୍ଚିତ କୋଳରେ ଆଶ୍ରୟ ନେଇ ସୃଜନର ଆଦିମ ସଙ୍ଗୀତ ଗାଏ । ରକ୍ତ ଓ ମାଂସ ଭିତରେ କାମନାର ମୌସୁମୀ ଝଡ଼ ସୃଷ୍ଟି ହୁଏ । କେତେ ଅନନ୍ଦ ବିହ୍ୱଳ ରାତି ସେ ହସ କୌତୁକର ସାଥୀ ହୁଅନ୍ତି ।

ଆଉ ଚଉଠି ରାତି ? ସଭିଏ ଭାବନ୍ତି, କେମିତ ହୋଇଥିବ ସେହି ପୁଲକମୟ ସଫଳ ପ୍ରଣୟ ରାତି ? ସ୍ପର୍ଶକାତର ନବ-ଯୁବତୀ ନିଜ ଇଚ୍ଛାରେ ତାର ଉଚ୍ଛ୍ୱସିତ ଯୌବନଶ୍ରୀକୁ ସମର୍ପଣ କରିବ ପ୍ରଣୟୀ ସାଥୀ ପାଖରେ ! ତରୁଣୀ ଝିଅର ବିବସ୍ତ୍ର ବକ୍ଷ ଦେଖି ପୁରୁଷ ମାତାଲ ହେବ । ତାର ନିଟୋଳ ଅଙ୍ଗ, ଚିକ୍କଣ ଚିବୁକର ସ୍ପର୍ଶ ପାଇ ପ୍ରେମିକ ବିମୁଗ୍ଧ ହେବ । ମନର ପରମ ଓଢ଼ଣା ଫେଇ ହସିବ !

ତାପରେ ଛନ୍ଦହୀନ, ଅସଂଲଗ୍ନ କେଇପଦ କଥାଭାଷା !
ଜୁଆରିଆ ଭାବନାର ଚପଳତା ! ଖାଲି ଦୁର୍ବଳତା !!
ନାରୀ ଓ ପୁରୁଷ ଉଭୟେ !

Digitized by PPRACHIN, SOA

ଯୌବନର ଉଚ୍ଛଳ ବନ୍ୟାରେ, ବୟସର ମଢାଣିଆ ଝିଅଲରେ ଦୁଇଟି ପ୍ରେମିକ ପ୍ରେମିକା ପ୍ରଣୟ ପୁଷ୍କରଣୀର ପ୍ରତିଯୋଗୀ ଖେଳାଳୀ ସାଜିଲେ । ଦେହରେ ମୁହଁରେ ସନ୍ତୋଷର ସ୍ୱାକ୍ଷର ।

କିଏ କେତେ ଦେଲା — କିଏ କେତେ ନେଲା ?

ସେ ଦିଆ ନିଆର କଣ କେବେ ହିସାବ ଥାଏ ?

ଦୁଇଟି ମନ ବୁଝନ୍ତି କିଏ କେତେ ଅଧିକ ପାଇଲା ।

ସୃଷ୍ଟି ଆଗେଇ ଚାଲେ ।

ସୃଷ୍ଟି ଅନନ୍ତ । ସୃଷ୍ଟି ଅସୀମ । ତାର ଉତ୍ପତ୍ତି ଯେମିତି ରହସ୍ୟ-ମୟ, ବିଲୟବି' ସେମିତି ଆକସ୍ମିକ ହେବ । ରକ୍ତ ମାଂସର ମଣିଷ ସେହି ଅନନ୍ତ ଓ ଅସୀମ ସୃଷ୍ଟିକୁ ଉପଭୋଗ କଲେବି' ଅନଳବ ହଇ ପାରିବନି' । ନିଜକୁ ଅର୍ପଣ କରି ପରକୁ ଆକର୍ଷଣ କରିବାର ଯେଉଁ ପ୍ରବୃତ୍ତି ତାହାହିଁ ପ୍ରଣୟ ! ଏ ପ୍ରେମ, ଏ ପ୍ରଣୟ - ସେହି ଅନନ୍ତ ସୃଷ୍ଟିର ଭାଷା ! ବହିଃପ୍ରକାଶ ମାତ୍ର ।

ତହିଁ ଆରଦିନ —

କଲେଜରେ ମୁଗ୍ଧା ଆଶାକୁ ଖୋଜୁଥାଏ, ଆଉ ଆଶା ସୁମନ୍ତକୁ ଖୋଜୁଥାଏ । ସୁମନ୍ତ ଆଡେଇ ହୋଇ ଚାଲିଗଲା ବେଳେ ଆଶା ଡାକିବ କି ନାହିଁ ଦ୍ୱନ୍ଦରେ ପଡ଼ୁଥାଏ ।

କ୍ଲାସ ପରେ ଆଶା ରହ ରହ ହୋଇ ସୁମନ୍ତକୁ ଡାକିଲା ।

କଣ କହୁଥିଲେ - ସୁମନ୍ତର ନିର୍ଲିପ୍ତ ଉତ୍ତର ।

ସ୍ୱୀତାର ବାହାଘର

ମୁଁ ଜାଣେ - କଥା ଛଡ଼ାଇ ସୁମନ୍ତ କହିଲା ।

'ମୁଁ ବି ଜାଣେ ଯେ !' ଆଶା ଉତ୍ତର ଦେଲା ।

କଣ ଯାଉଛନ୍ତି ? ସୁମନ୍ତର ପ୍ରଶ୍ନରେ ଆଗ୍ରହର ସ୍ୱାକ୍ଷର ।

ନିଶ୍ଚୟ ! ମୁଗ୍ଧା ବି' ଯିବଯେ

Digitized by PPRACHIN, SOA

ସାଥୀ ପାଇଛନ୍ତି ତାହାହେଲେ

ଆପଣ ସାର୍ଥୀ ହେବେକି ? ଅଣା ପଚାରିଲା ।

'ମତ ଦରକାର କରନ୍ତି' । ସୁମନ୍ତ ମୁହଁରେ ହସ ଦେଖି ଅଣାର ଆଗ୍ରହୀ ମନରେ କାମନାର ଜୁଆର ଉଠିଲା । ସୁମନ୍ତ ହସିଲେ କେତେ ସୁନ୍ଦର ଢଙ୍ଗେ ସନ୍ତରେ !

ଅନେକ ଦିନ ତଳେ ବର୍ଷା ମୁଖର ସଂଙ୍ଗରେ ସେ ଥରେ ଏକାନ୍ତରେ ହସୁଥିଲା । ସେ ହସର ସମସ୍ତ ଲାଲିତ୍ୟକୁ ଅଣା ମନ ପୂରାଇ ଉପଭୋଗ କରିଥିଲା ।

ସେ ହସ, ଚନ୍ଦ୍ରର ପୂନେଇ ହସଠାରୁ ଆହୁରି ଚଞ୍ଚଳ !

ସେ ହସ, ଗର୍ଭିଣୀ ଧାନ କଅଁଳର ବେଣ୍ଟଦ ହସଠାରୁ ଅନ୍ତର ସରସ !

ଅଶାନ୍ବୀତା ଅଣା ମୁହଁରେ ବଜୁଳୀର ଝଲକ ! ଅଖି ଦୁଇଟି ଠିକ ତର ଭଳି ମିଞ୍ଜିମିଞ୍ଜି ହୋଇ ହସୁଛି । ହସିଲା ମୁହଁରୁ ସହଁର ଅସୁଛି ସୁସ୍ଥ ଭାଉଲନ୍ଦର ମିଠା ଝଙ୍କାର ! ଏଥର ସେ ମୁହଁ ଖୋଲିଲା ! ଟାଇଁକ୍ ଦୋଳାରେ ଅପାଙ୍ଗ ହାଣୁହାଣୁ କହିଲା, 'ସାହୃତ୍ୟକ ସୁମନ୍ତ ଯଦ ସାଥୀ ହୁଅନ୍ତି ଏ ଯାତ୍ରା କେତେ ମଧୁର, କେତେ ସୁନ୍ଦର ହେବ ସନରେ' !

ସୁମନ୍ତ ତାର ଜୀବନର ସୁଦୀର୍ଘ ପଚିଶି ବର୍ଷ ଭିତରେ ଗୋଟିଏ ସୁନ୍ଦରୀ ତରୁଣୀର ଏଇଭଳି ବିମୁଗ୍ଧ ଗୃହାଣୀ ଦେଖିବାର ଏଇ ନୂଆ ! ବନ୍ଧୁ ମହଲର ଅକ୍ଷେପ ମିଶା ବ୍ୟଙ୍ଗୋକ୍ତି ଶୁଣି ସେ ଅଣା ଠାରୁ ଅଡେଇ ଯାଇଥିଲା ମଝିରେ । ଅଣା ମଧ ଦୂରେଇ ରହୁଥିଲା । କିନ୍ତୁ ଏ ଦୂରତ୍ୱ କେମିତି ପରସ୍ପରର ମନ ଭିତରେ ଆକର୍ଷଣର ବୀଜ ବପନ କଲା — ମୋହଯୁକ୍ତ ଅଦେଖା ବନ୍ଧନରେ ଦୁଇଟି ତରୁଣ କପୋତ କପୋତୀ ବାନ୍ଧି ହୋଇ ପଡିଲେ । ସେ ଅଗ୍ରହ, ସେ ଆକର୍ଷଣ

Digitized by PPRACHIN, SOA

ପ୍ରସ୍ଫୁଟିତ ହେବାକୁ ଗୋଟିଏ ନିର୍ଦ୍ଦିଷ୍ଟ ଭାଷା ବା କାରଣ ଖୋଜୁ-ଥିଲା । ହେଉ ପଛେ ସେ ସାଧାରଣ, ଅତି ସାମାନ୍ୟ !

ଅନେକ ଦିନ ପରେ ଆଶା ସୁଯୋଗ ପାଇଲା ।

ଗୋଟିଏ ସୁନ୍ଦର ତରୁଣୀକୁ, ସହଯାତ୍ରୀ ସୌମ୍ୟ - ଦର୍ଶନ ତରୁଣଟିଏ ଅଡ଼େଇ ଦେଲେ ତରୁଣୀ ମନରେ ଆଗ୍ରହ ବଢ଼େ । କିନ୍ତୁ ପାଖେଇ ଆସିଲେ ? ରୂପ କଥାର ଅଲଅଲ ରାଜଜେମା ଭଳି ଦୂରେଇ ଯାଏ ! କିନ୍ତୁ ଏଇ ଦୂରେଇ ଦେବା ଶେଷ କଥା ନୁହେ - ବରଂ ଆଉ ଗୋଟିଏ ଘରଛୁଆର ନୂଆ ମୁଖବନ୍ଧ ! ଅଡୁଆଳରୁ ସେ ଚାହେଁଇ ଚାହେଁଇ ଗୁହେଁ । ମନରେ ଉଦ୍‌ବେଗ ବାଢେ, ଉଲ୍ଲଣ୍ଠା ହଏ ! ପୁରୁଷ ମନର ସମସ୍ତ ଦୁର୍ବଳତାକୁ ସେ ପ୍ରାଣେ ପ୍ରାଣେ ଉପଭୋଗ କରେ, ଖୁସି ହୁଏ ! କିନ୍ତୁ ମୁହଁ ଉପରେ କହେ, ପୁରୁଷ ଜାତଟା ଇମିତ ନାଁ ? ଛିଃ !

"ସ୍ମିତାର ଭାବି ସ୍ୱାମୀ କୁଆଡ଼େ ଅପଣଙ୍କର ଅନ୍ତରଙ୍ଗ ବନ୍ଧୁ ! ଆଉ ଅପଣ ଅମକୁ ଆଗୁଆ କହୁ ନାହାନ୍ତି । ଏତିକି ସ୍ୱାର୍ଥପର ।" ଆଶା ଅଭିମାନରେ ଫାଟି ପଡୁଛି ଯେମିତି ।

"ସ୍ମିତାଙ୍କ ଅପଣଙ୍କର ବନ୍ଧୁ ! ବରଂ ଆପଣ ଅଗୁଆ ଖବର ପାଇଲେ । ଆଜ ମୁଁ ଏଇମାତ୍ର ଜାଣିଲି ।" ସୁମନ୍ତ ପକେଟ୍ ଭିତରୁ ଲାଲୁଆ ରଙ୍ଗର ନିମନ୍ତ୍ରଣ ପତ୍ରଟି ବାହାର କଲା ।

"ସ୍ମିତାର ସ୍ୱାମୀ କଣ କରନ୍ତି ? ଚାକିରି ?"

"ସେ କିଛି କରନ୍ତି ନାହିଁ । ଜମିଦାରିର ଚାକରମାନଙ୍କର ତଦାରଖ ନିଅନ୍ତି । କେବେ ମନ ହେଲେ ଶିକାର କରନ୍ତି ।"

ସ୍ମିତା ଶେଷକୁ ଜମିଦାର ଘରର ଘରଣୀ ହେଲା ! କେତେ ସୌଭାଗ୍ୟ ତାର ସତରେ ! କେମିତି ହୋଇଥିବେ ଯୁବକ ଜମିଦାର ? ଜମିଦାରିର ଅମାପ ଆୟ ତାଙ୍କୁ ଯଥେଷ୍ଟ ଅରାମ ଦେଉଥିବ ! ଲାଲ

Digitized by PPRACHIN, SOA

ଟହଟହ ରକ୍ତରେ ଫାଟି ପଡୁଥିବ ଦେହ ! ଅବୟବରେ ସୁସ୍ଥ ସ୍ୱାସ୍ଥ୍ୟର ଅପୂର୍ବ ବିକାଶ ହୋଇଥିବ ।

"କେବେ ଯିବା ?"

"ରବିବାର ଗଲେ ଚଳିବ ?" ସୁମନ୍ତ ପ୍ରଶ୍ନ କଲା ।

ରବିବାରଅ ମାଟିନୀ ଷୋ ମାରି ହେବ ! ତାପରେ ତାର ଅନୁପସ୍ଥିତିରେ କି ପାର୍ଟିଟା ସେମିତି ରହିଯିବ — କଣ ଭାବିବେ ସାଙ୍ଗମାନେ ? ହୁଏତ ଅନ୍ଦାଜ କରିବେ, ସୁମନ୍ତର ସଙ୍ଗ ପାଇ ଅପଣାର ସାଙ୍ଗ ସାଥୀଙ୍କୁ ଭୁଲିଗଲା । ତେବେ ଶ୍ରୀତା କଣ ତାର ଅନ୍ତରଙ୍ଗ ବନ୍ଧୁ ନୁହେ ? ଏଭଳି ନିମନ୍ତ୍ରଣ, ଏତେ କାରବାର ସାଙ୍ଗ ସୁଖତ' ଆଉ ମିଳିବ ନାହିଁ । ସୁଯୋଗ ଯେତେବେଳେ ଆସିଛି

ଶ୍ରୀକାନ୍ତ ନାକ ଫୁଲାଇ, ଆଖି କଣେଇ କଣେଇ ସେ ବାଟେ ଚାଲିଗଲା ! ସେ ଯେଉଁ ତରଙ୍ଗ ଭଙ୍ଗ ଢଙ୍ଗ !

ହୁଏତ ବିଚ୍ ବଜାରରେ କାଲି ପ୍ରଚାର କରି ବୁଲିବ, ସୁମନ୍ତ ଆଉ ଆଶା ପୁଣି ଥରେ ମିଶିଛନ୍ତି । କୋହଲ ପରିଚୟ ଆଉଥରେ ସମର୍ଥନ ପାଇ ଦୃଢ ହୋଇଛି ! ଇସ୍, କି ଜଘନ୍ୟ ମନୋବୃତ୍ତି ଲୋକଟାର !

ଫାଷ୍ଟଇଅର୍‌ର କ୍ଲାସ୍‌ମେଟ୍ ଏହି ଶ୍ରୀକାନ୍ତ ! ପ୍ରଥମେ ପ୍ରଥମେ ଆଶାକୁ ଅନୁଥିଲା । ମୁହଁ ଉପରେ ପ୍ରଶଂସାକରି ସହାନୁଭୂତି ଦାବୀ କରୁଥିଲା — ଆଶା ମଧ୍ୟ ଆକର୍ଷିତ ହୋଇଥିଲା କିଛିଦିନ ପାଇଁ । ସାଙ୍ଗ ହୋଇ ସାଂଧ୍ୟ ଭ୍ରମଣ ଠାରୁ ସିନେମା ଦେଖା ପର୍ଯ୍ୟନ୍ତ ସରିଛି । ଅଜସ୍ର ପଇସା ଖର୍ଚ୍ଚ କରେ । ଅନେକ କଥା କହେ — ଦରକାରୀ ଅଦରକାରୀ କିଛି ବୁଝେ ନାହିଁ ।

ମୁଗ୍ଧା ସେତିକି ବେଳେ ଆଶାକୁ ଖୋଜୁଥିଲା । ସୁମନ୍ତ ଓ ଆଶା ନୀରବରେ ଛିଡା ହୋଇଥିବା ଦେଖି ଚଲା ବାଟରେ ଅଟକିଗଲା ।

Digitized by PPRACHIN, SOA

ଘୁରୁଥିଲା, ଏଇ ଆଶା, ସେଦିନ ସୁମନ୍ତ ସନ୍ନିଧରେ କେତେ କଥା କହୁଥିଲା ; କିନ୍ତୁ ଆଜି ସୁବିଧା ପାଇ ନୀରବ ଆଲୋଚନାରେ ପ୍ରମତ୍ତ ଅଛି । ଏଇତ ତାର ମନ କିଣା ମୁହଁ !

ସୁମନ୍ତ ମୁଗ୍ଧାକୁ ଦେଖି ହସିଲା । କହିଲା, 'ପାଖକୁ ଆସୁନ !'

ଆରେ ମୂର୍ଖା ସେ - ଆଲୋଚନା ଗୋପନ ନୁହେଁ ମ ! ସେଇ ନିମନ୍ତ୍ରଣ କଥା ପଡିଥିଲା ! ପାଖକୁ ନ ଆସି ସଂକୋଚ କରୁଛୁ ସେ ଆଶା ସରଳ ପରିହାସ କଲା ।

ମୁଗ୍ଧା ହସି ଦେଲା । ସେ ହସ ଆନନ୍ଦର କି ଆକ୍ଷେପର କିଛି ହେଲେ ବୁଝାପଡିଲା ନାହିଁ । ତରୁଣୀ ଟିକିଏ ମୁହଁ ତୋଳି, କି' ହସି ଦେଇ କେତେବେଳେ କଣ ଯେ କହିଦିଏ ତାହା ସବୁ ସମୟରେ ସମସ୍ତଙ୍କର ବୋଧଗମ୍ୟ ହୁଏ ନାହିଁ ।

"ତୁ ଯାଉଛୁତ ମୁଗ୍ଧା ? ରବିବାର ଦିନଟି ନିର୍ଦ୍ଦିଷ୍ଟ ହେଲା । ଟ୍ରେନ୍‌ରେ ଯିବା, ଷ୍ଟେସନରୁ ଅଳ୍ପ ଖଣ୍ଡେ ବାଟତ । ଚାଲିଗଲେ ଅଧଘଣ୍ଟା । କଣ କହୁଛୁ ?" ଏଇ 'କଣ କହୁଛୁ'ରେ ଶ୍ଳେଷ ଥିଲା । ଆଶା ଜାଣିଶୁଣି ଏ ଶବ୍ଦ ଦୁଇଟିକୁ ବ୍ୟବହାର କରିଛି । ତାକୁ ବିଶ୍ଳେଷଣ କଲେ ଜଣା ପଡ଼ିବ, ଆଶା ଏତିକ ବାଧ୍ୟ ବାଧକତାରେ ପଚାରି ଦେଇଛି ! ମୁଗ୍ଧା ନ ଗଲେ ବରଂ ଭଲ ହୁଅନ୍ତା । ସୁମନ୍ତ ସଙ୍ଗରେ ଏ ସରସ ଯାତ୍ରାଟା ବେଶ୍ ଜମି ଉଠନ୍ତା !

ମୁଗ୍ଧା କହିଲା, ହୋଷ୍ଟେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କର (Permission) ପାର୍‌ମିଶନ୍ ଦରକାର ପଡିବ ।

ଆରେ ସତେତ, ବାପାଙ୍କୁ ମୁଁ ବି' କିଛି କହିନାହିଁ । ତାଙ୍କୁ ରାଜି କରାଇବାକୁ ପଡିବ ଯେ -- ଆଶା ସୁମନ୍ତ ଆଖିକୁ ଚାହିଁ ଅପାଙ୍ଗ ହାଣିଲା !

ସୁମନ୍ତ ଉଭୟଟିର ଦାୟିତ୍ୱ ଆଗ୍ରହରେ ଗ୍ରହଣ କଲା ।

Digitized by PPRACHIN, SOA

ଏତେ ଚଞ୍ଚଳ ବିଦାୟ ନେବ କି ନାହିଁ ଦୋ'ଦୋ'ପାଞ୍ଚ ହୋଇ ସୁମନ୍ତ ଶେଷରେ ହାତ ଟେକିଲା । ସେ ବାଟ ଭାଙ୍ଗି ଚାଲିଗଲା ବେଳେ ଆଶା ଅସ୍ପଷ୍ଟ ଧ୍ୱନି କରି ରାସ୍ତା ଉପରେ ଅଟକି ଗଲା !

କଣ ହେଲକଲେ ? ମୁବ୍‌ଧାର କଣ୍ଠରେ ଉତ୍କଣ୍ଠା ଥିଲା ।

ଗୋଡ଼ଟାଏ ତଳ ପାଦକୁ କଫାଡ଼ି ଦେଲା ଯେ ......

କାହିଁ ଦେଖି ? ମୁଗ୍‌ଧା ତଳପାକୁ ଚାହିଁଲା ।

ଆଶା କଣେଇ କରି ସୁମନ୍ତକୁ ଅନେଇ ଥାଏ । ସୁମନ୍ତ ଓ ଆଶାର ଆଖି ଏକତ୍ରିତ ହେଲା । ଦୁହେଁ ହସୁଥିଲେ ।

କାଲି କିଛିତ ନାହିଁ ! ମୁଁ ସେଇଥି ଭାବୁଥିଲି । ଚପଲ ଉପରକୁ ଗୋଡ଼ ଗଲା କେମିତି ? ତାପରେ ଆଶାର ହସନ୍ତ ମୁହଁକୁ ଚାହିଁ କହିଲା, ସୁମନ୍ତ ନ ଥିଲେ କଣ ଏ ଗୋଡ଼ ଫସିଥାନ୍ତା ? ଦୁଷ୍ମନ୍ତ ନଥିଲେ କଣ ଶକୁନ୍ତଳା ମନରେ କଣ୍ଟାର ଖିଆଲ ହୋଇଥାନ୍ତା ?? ଡାକିବ ସୁମନ୍ତ ବାବୁଙ୍କୁ, ଗୋଡ଼ ଛାଡ଼ି ଦେବେ ? ମୁଗ୍‌ଧା ଆକ୍ରମଣ କଲା ।

ଲଜ୍ଜ୍ୟାଶୀଳ ଶକୁନ୍ତଳ ଆଉ କଲେଜ ଗ୍ଲାସୀ ଆଶା ! ତା ଛଡ଼ା ମୋର ଅନୁମାନ ସୁମନ୍ତ ବାବୁ ଦୁଷ୍ମନ୍ତର ହୃଦୟ ନେଇ ଆଗେଇ ଆସିବେ ନାହିଁ ! ବରଂ ତୁ ଯଦ ଚାହିଁ ତାର ବ୍ୟବସ୍ଥା ବୁଝିଦେବି । ଆଶା ମୁଗ୍‌ଧାର ଆକ୍ରମଣରୁ ନିଜକୁ ବଞ୍ଚାଇରଖି ପ୍ରତି ଆକ୍ରମଣ କଲା !

“ଚାହିଁଲେ କଣ ସବୁ ଜିନିଷ ମିଳେ ? ତା ପାଇଁତ ନିଷ୍ଠା ଦରକାର, ଚେଷ୍ଟା ଦରକାର ।”

“ତରୁଣୀର ଗୋଟିଏ ନିଷ୍ଠା କଣ ? ତାର ମନ ହେଲେ ହେଲା । ଆତ୍ମମର୍ଯ୍ୟାଦାକୁ ଭୁଲିଯାଇ, ସମାଜର ଶୃଙ୍ଖଳିତ ନିୟମ ଭାଙ୍ଗି ଦୁଇ ପାଦ ଆଗେଇ ଯାଇ ପାରିଲେ ସବୁ ପୁରୁଷଙ୍କର ଦୃଷ୍ଟି ପଡ଼େ ।

Digitized by PPRACHIN, SOA

ଆଖିରେ ପ୍ରଲୋଭନର ତରଙ୍ଗ ଥିଲେ ପୁରୁଷ ଜାତି ଦାସ ହୁଏ ! ଚଞ୍ଚଳକାରେ ଭୁଲିଯାଇ ପାଲରେ ପଡେ । ଥରେ ପାଲରେ ପଡିଲେ ରକ୍ଷା ନାହିଁ । ତାପରେ ଅପର ଆଖିରେ ଧୂଳି ଦେଇ ନିଜର ମଣିଷକୁ ପାଖେଇ ଆଣ । ସଂସାର ନ ଜାଣୁ, କିନ୍ତୁ ଦୁଇଟି ମନ, ଦୁଇଟି ହୃଦୟ ଜାଣନ୍ତୁ ଦୁହେଁ ପରସ୍ପର ପ୍ରତି ଅନୁରକ୍ତ । ବେଶ୍ କାମ ସରିଲା !"

"ଏଠ କଣ ଅନୁଭବର କଥା କହୁଛୁ ଅଣା ?"

"ଅନୁଭବ ନୁହେଁତ, ଆଜ କଣ ଉପନ୍ୟାସର କଥା ଭାବିବାକୁ ? ପରୀକ୍ଷା କରିବ ! ତୁମନ୍ତ ଉପରେ ପ୍ରଥମ ପରୀକ୍ଷା ହଉ ।"

"ମୁଁ ପରୀକ୍ଷା କରି ପର ଆଖିରେ ଧୂଳି ଦେଇ ପାରିବ ନାହିଁ ଅଣା ! ବରଂ ନିଃସଙ୍ଗ ଜୀବନ ସୁଖକର ! ପରକୁ ଜଳାଇ ଲାଭ କଣ ? ସମାଜକୁ ସିନା ଠକିଦେବ-ନିଜ ମନକୁ ? ନିଜେତ ଜାଣିବେ ଯେ ଭୁଲ କରୁଛ । ଅନୁତାପ ଆସିବ - ଆଉ ସେ ଅନୁତାପରେ ଆତ୍ମାଟି ଯାହା ଦଗ୍ଧିଭୂତ ହେବ । ମୋ ମନରେ ପ୍ରେମଭଳି ପବିତ୍ରତମ ଜିନିଷରେ ପ୍ରତାରଣା ମିଶାଇବା ପାପ ।"

"ଜୀବନ ଦର୍ଶନର ଅର୍ଥହୀନ କଥା ଭାବୁଛୁ ? ନିରାଟ ସତ୍ୟ ଉପରେ ଯାହା ପ୍ରତିଷ୍ଠିତ ତାକୁହିଁ ଗ୍ରହଣ କର । ଆଜିର ଦୁନିଆରେ କଣ କାହାର ହୃଦୟ ଅଛି ? ବସ୍ତୁବାଦ ଓ ଆଦର୍ଶବାଦର ସଂଘର୍ଷରେ ବସ୍ତୁବାଦର ହିଁ ଜୟ ହୋଇଛି । ଏ ଯୁଗ ବୈଜ୍ଞାନିକ ଯୁଗ କହେ - ଜୀବନ ଯେମିତି ଅଛି ସେମିତି ବହିଯାଉ ! ତାକୁ ଆଦର୍ଶରେ ମିଶାଇ ବାଧା ଦେବା ନିରର୍ଥକ । ତେଣୁ ମୁଁ ଜୀବନକୁ ହାଲୁକା ଭାବରେ ଗ୍ରହଣ କରି ନେଇଛି । ଅଉ ଜୀବନର ଏ ଫନ୍ଦା ଯୌବନ ? ସେଇଟା ମନ ଓ ଜୀବନର ଗୋଟିଏ ବହ୍ନିଗ ! ଖୋଲା ପବନରେ ଟିକିଏ ବୁଲି ଆସ - ଲୁଚିଲ ଭୋଗାଇ ଲାଭ ନାହିଁ । ଟିକିଏ ସ୍ୱର୍ଗ, ଟିକିଏ ଉପଭୋଗ, ଏହାହିଁ ତ ଜୀବନ ! ମନ କଣ ଏଥିରୁ ବାହାର !"

Digitized by PPRACHIN, SOA

“ସୁମନ୍ତଙ୍କୁ କେମିତି ଭାବରେ ଗ୍ରହଣ କରୁ ଅଣା ?” ମୁଗ୍ଧା ହଠାତ୍ ପଚାରିଲା, ଆଲୋଚନାକୁ ଅଡ଼େଇ ଦେବା ଉଦ୍ଦେଶ୍ୟ ତାର ।

“ଏଇ କଲେଜ ସାଥୀ ଭାବରେ ! କଲେଜର ଚିହ୍ନା ଲୋକ-ଟିଏ । ଦୁ'ଚାରି ବର୍ଷ ପ୍ରତିଦିନ ଦେଖା ସାକ୍ଷାତ ହେବ ଯେତେବେଳେ, ଟିକିଏ ପରିଚୟ ଦରକାର, ବନ୍ଧୁତା ଦରକାର ! ହସିଲେ, ଖେଳିଲେ ମଜଲିସ କଲେ । ତାପରେ ହଠାତ୍ ଦିନେ କାମ ସରିଲେ କଲେଜ ଛଡ଼ାଛଡ଼ି । ବନ୍ଧୁତାରେ ବି' ସେଦିନ ପୂର୍ଣ୍ଣଚ୍ଛେଦ ପଡ଼ିବ । ଜୀବନ ଯାତ୍ରାର ସୁଦୀର୍ଘ ପଥରେ ହୁଏତ ଅକସ୍ମାତ କେବେ କେବେ ଦେଖା ହେବ । ବନ୍ଧୁତା ଥିଲେ ମୁହଁରେ ଟିକିଏ ହସ ଫୁଟିବ—ନହେଲେ ବାଟ କାଟି ଚାଲିଯିବା କଥା !”

“ଖାଲି କଣ ସେତିକି ?” ମୁଗ୍ଧାର କଣ୍ଠରେ ବିସ୍ମୟ ଥିଲା ।

“ଆଉ କଣ ଅଧିକ ? ଦୀର୍ଘ ଜୀବନର ସଂକ୍ଷିପ୍ତ ପରିଚୟ ଭିତରେ ତାହାଠୁ ମୁଁ ଅଧିକ କିଛି ଆଶା କରୁ ନାହିଁ । ତୋର ମତ କଣ କହିଲୁ ?”

“ମୋର ମତ ଚାହୁଁଛୁ ? ସେ କଣ ତୋର ପସନ୍ଦ ହେବ ?? ମୁଁ ଚାହେଁ ବିବେକ ମନକୁ ନିୟନ୍ତ୍ରିତ କରୁ । ଜୀବନର ବିକ୍ଷିପ୍ତ ଗତି ପଥ ଶୃଙ୍ଖଳିତ ହେଉ । ଆଉ ଯୌବନ ? ତାକୁ ଲଗାମ ଦରକାର, ନିର୍ଦ୍ଦେଶ ଦରକାର । ଥରେ ବଣା ହେଲେ ସେ ସବୁଦିନ ପାଇଁ ପଙ୍ଗୁ ହୁଏ । ତେଣିକି ଅନୁତାପ ହିଁ ପ୍ରାପ୍ତି । ବରଂ ସାବଧାନ ହୋଇ ଜୀବନ ନୌକାର ବଳିଷ୍ଠ ଅହୁଲକୁ ସଂଯତ କରିବା ଦରକାର । ଅତି ଛୋଟ ଆମର ଏ ଜୀବନ । ତାର ଭିତରେ ଯୌବନର ପରିଚୟ ଅତ୍ୟନ୍ତ ସଂକ୍ଷିପ୍ତ ! କଳ୍ପନାରେ ଭାସି ନଯାଇ ନିଶ୍ଚିତ ପନ୍ଥା ବାଛି ନେବା ଉଚିତ !”

Digitized by PPRACHIN, SOA

କୁମାରୀ ଯଶା ନୀରବ ରହିଲା । ସେ ଭାବୁଥିଲା, ମୁଗ୍‌ଧାର ମନ କେତେ ଶ୍ରେଷ୍ଠ ! କେତେ ସୀମାବଦ୍ଧ ! ଚୈତ୍ରର ଦୁଷ୍ଟ ମଳୟକୁ ସେ ସ୍ୱୀକାର କରେ ନାହିଁ କି ଆଷାଢର ମୁଗ୍‌ଧ ମୌସୁମୀକୁ ସ୍ୱାଗତ କରେ ନାହିଁ । କଣ କରିବ ସେ ଜୀବନରେ ? ତାର ଯୌବନର ବାଁ'କ ମହତ୍ତ୍ୱ ଅଛି ଯଦ୍ୱାରା ଏ ଦୁନିଆଁ ବୁଝିବ, ମୁଗ୍‌ଧା ବୋଲି ତରୁଣୀଟିଏ ଅଛି କି ଥିଲା !!!

ସହରର ମଝିରେ ନଭସ୍ପୃଶୀ ପୁରୁଖା ପ୍ରାସାଦଟିଏ । ପ୍ରତିଷ୍ଠିତ ମାଲିକର ଉନ୍ନତ ଆଭିଜାତ୍ୟକୁ ଜାହିର ରଖି ମଥା ଟେକି ଆକାଶକୁ ଅନାଇଛି । ଦୁନିଆର ଚିରଚରିତ ଅସାମଞ୍ଜସ୍ୟ ପରମ୍ପରା ବହିଥିଲା ଯାଏ ବୈଶାଖର ରୌଦ୍ର, ଧାରା ଶ୍ରାବଣର ମୁଷଳ ଧାରା ବା ମାଘର ହାଡ ଫଟା ଶୀତ ତାର ସ୍ଥିର ମସ୍ତକକୁ ସଙ୍କୁଚିତ କରି ପାରିବ ନାହିଁ ।

ବିଖ୍ୟାତ ମିଲ୍ ମାଲିକ ଦିଗମ୍ବର ବାବୁ ଗ୍ଲ' ଟେବୁଲ ଉପରେ ବସି ଖବର କାଗଜରେ ମନୋନିବେଶ କରିଥିଲେ । ରେଡ଼ିଓଟି ବେତାଳିଆ ଭାବେ ବାଜି ଚାଲିଛି ! ମୁଣ୍ଡ ଉପରର ଫରେନ୍ ଫେନ୍‌ଟି ଶୀକାରୀ ଗାଞ୍ଜ ଭଳି ନିଶବ୍ଦରେ ଘୂରି ଚାଲିଛି !

ଦିଗମ୍ବରବାବୁଙ୍କ ଅଳିଅଳି ଝିଅ ଆଶା, ଅସ୍ତନ୍ତାକାଳର ରାଶିଫଳ ଦେଖୁଦେଖୁ ଗବାକ୍ଷ ମଧ୍ୟ ଦେଇ ରାଜମାର୍ଗକୁ ଚାହିଁଥିଲା । ପ୍ରଶାନ୍ତ ଅନ୍ତରୀକ୍ଷରେ ଗାଢ ନୀଳିମାର ଗାଳିଚା ! କୃଷଳୀ ଚନ୍ଦ୍ରଙ୍କର ଛବି ଭଳି ତାର କୋଳରେ ଭସା ବାଦଲର କାଲ୍‌ପନିକ ଛବି !

Digitized by PPRACHIN, SOA

ଯାନମାର୍ଗ ଲୋକାରଣ୍ୟ ! ଲୋକଙ୍କ ମୁହଁରେ ଅବୋଧ ଗଦ୍ୟ କବ-ଟାଚ ଭାଷା ! ଏ ସହର, ସୋସାଇଟି ଓ ଆସୋସିଏସନ୍‌ର । ସହ-ଯୋଗୀ ସଭ୍ୟମାନେ ସିନେମା ଓ ଥିଏଟରର ଉପାସକ । ଏଇଠି ବେଳେ ବେଳେ ବଗ୍ଠ ପାର୍ଟିର ଆୟୋଜନ ହୁଏ ! ନାମଜାଦା, ଗଣ୍ୟମାନ୍ୟ ବ୍ୟକ୍ତିମାନେ ସେ ପାର୍ଟିର ପୃଷ୍ଠପୋଷକ — ଯେଉଁମାନେ ଦୁଃଖ ଓ ଦାରିଦ୍ର୍ୟର ତଟ ସ୍ପର୍ଶ କରି ନାହାନ୍ତି ! ଜୀବନର ପ୍ରତିଟି ମୁହୂର୍ତ୍ତିକୁ ସମ୍ଭୋଗ ଓ ସୌଖୀନ ବିଳାସ ଭିତରେ କଟେଇ ଦେଇ-ଛନ୍ତି । ଲକ୍ଷ ଷଡ଼ର ବଗ୍ଠ ବାସ୍ତବବାଦକୁ ସେମାନେ ସମ୍ମାନ ଦିଅନ୍ତି । ଜୀବନ ତାଙ୍କ ଆଗରେ ଗୋଟିଏ ଜୁଆଖେଳ ! କଣ୍ଟ୍ରି ରୋମାନ୍‌ସ୍, କେତେଟା ଅଡ଼୍‌ଭେଞ୍ଚର୍ ସେ ଜୀବନର ସରସ ସାଥୀ ।

ହଠାତ୍ ବିଜୁଳୀ ଲାଇନ ଫେଲ୍ ମାରିଲା । ରେଡ଼ିଓ ଓ ଫେନ୍ ନୀରବ ରହିଲେ । ସେଥିପ୍ରତି କାହାର ନଜର ନାହିଁ ।

ଆଜ୍ଞା ଆସିପାରେ କି ? ସୁମନ୍ତ ଦରଜା ମୁହଁରୁ ଅନୁମତି ମାଗିଲା ।

ଆରେ ସୁମନ୍ତ ବାବୁ ଯେ — ଆସନ୍ତୁ ଭିତରକୁ ! ଆଶା ଆନନ୍ଦର ଆତିଶଯ୍ୟରେ ଅଧୀର ହୋଇ ପଡୁଥିଲା । ପରିଚୟ ପାଇଁ କହିଲା, ବାପା ! ଏଇ ମୋର କ୍ଲାସ୍‌ମେଟ୍, ସୁସାହିତ୍ୟିକ ସୁମନ୍ତବାବୁ ।

ତାପରେ ପ୍ରଥମ ପରିଚୟର ନମସ୍କାର ବିନିମୟ ।

ମା ଗୁ’ କଥା ଟିକିଏ ବୁଝିଲ୍ — ଦିଗମ୍ବର ବାବୁ ଆଶାକୁ ଆଦେଶ ଦେଲେ । ଆଶା ସେ ଆଦେଶକୁ ଆନନ୍ଦରେ ଗ୍ରହଣ କଲା ।

“ଆପଣ ଖୁବ୍ କମ ବୟସରୁ ସାହିତ୍ୟରେ ହାତ ଦେଇଛନ୍ତି । ସାଧନା କଲେ ଚମତ୍କାର ନାଁ କରିବେ । ତାପରେ ଚରିତ୍ର ଚିତ୍ରଣ ବେଶ୍ ବାସ୍ତବ କରିପାରୁଛନ୍ତି । ଆପଣଙ୍କର ‘ତରୁଣୀର ମନ’ ଗଳ୍ପଟି କାଲି ପଢ଼ୁଥିଲି । ମନେହେଲା ପ୍ରବୀଣ ଲେଖକର ପୋଖତ ହାତର କାମ ବୋଲି । ବେଶ୍ ଖୁସି ଲାଗିଲା ।

Digitized by PPRACHIN, SOA

ଆପଣଙ୍କୁ ଭଲ ଲାଗିଛି ସାର୍ ? ସୁମନ୍ତ ଅଟକି ଅଟକି ପଚାରିଲା ।

ତାହାକୁ ଭଲ ଲାଗିବ ନାହିଁ ଯେ ? ଆଧୁନିକ ସଭ୍ୟତାର ନଙ୍ଗଳା ରୁଚି ନେଇ ଯେଉଁମାନେ ସ୍କୁଲ କଲେଜରୁ ଓହ୍ଲାଇ ଆସୁଛନ୍ତି, ସେମାନେ ଭାବୁଛନ୍ତି ଅନେକ ଆଗେଇ ଗଲେ । ସମାଜକୁ ନିର୍ଦ୍ଦେଶ ଦେବାର ଯୋଗ୍ୟତା ହାସଲ କଲେ । ସେମାନଙ୍କର ଗର୍ବରେ ପାଦ ତଳେ ପଡ଼େନାହିଁ — କିନ୍ତୁ ବୁଝିପାରନ୍ତି ନାହିଁ ଯେ ନକଲି ଶିକ୍ଷାରୁ ଋଣ ନେଇ ସମାଜର ଶାଶ୍ୱତ ପରମ୍ପରାକୁ ଲୁଣ୍ଠନ କଲେ, ଅଥବା କଲେ ବୋଲି । ଗଳ୍ପଟି ବେଶ୍ ସମୟୋପଯୋଗୀ ହୋଇଛି । ଭାଷାରେ ଯଥେଷ୍ଟ ଜୋର ଅଛି — ତଥାପି ତୁମେ ଏ ଗଳ୍ପର ସାର୍ଥକତା ନେଇ ସନ୍ଦେହୀ କାହିଁକି ?

କେତେକ କହନ୍ତି ମୁଁ ଏମିତି ଗୋଟିଏ ପ୍ଲଟ୍ ନେଇ କାହିଁକି ଲେଖିଲି ? ସମାଜର ଗୋଟିଏ ନିକିସ୍ ସମ୍ପ୍ରଦାୟକୁ ପଦାରେ ପକାଇବାର ଚେଷ୍ଟା କଲି କାହିଁକି ? ସେମାନଙ୍କ ମତରେ, ମୋର ସାହିତ୍ୟିକ ଜୀବନର କଳଙ୍କ ହେବ ଏହି 'ତରୁଣୀର ମନ' ! କିନ୍ତୁ ମୁଁ ଚାହୁଁଛି, ସମାଜର ଭବିଷ୍ୟତ କର୍ଣ୍ଣଧାର ସୁସ୍ଥ ହୁଅନ୍ତୁ, ସବଳ ହୁଅନ୍ତୁ । ତାଙ୍କୁ ସତର୍କ କରିଦେବା ପ୍ରତ୍ୟେକ ସାହିତ୍ୟିକର କର୍ତ୍ତବ୍ୟ ।

ମୁଁ ତହିଁରେ ଏକମତ ସୁମନ୍ତ । ଲେଖକର ଦୁର୍ନାମ ଭିତରେ ସୁନାମବି' ରହିଛି । ନିର୍ବିକାର ନୀଳକଣ୍ଠ ପରି ବିଷ ଓ ଅମୃତ ଉଭୟକୁ ଗ୍ରହଣ କରିବା ବାଞ୍ଛନୀୟ । ଲେଖନୀ ତୁମର ବଳିଷ୍ଠ ହେଉ ।

ତାପରେ ଟିକିଏ ନୀରବ ହୋଇ କହିଲେ, "କିନ୍ତୁ ଭାବିବନାହିଁ ସୁମନ୍ତ ! ତୁମକୁ ଗୋଟିଏ କଥା ପଚାରିବାର ଅଛି ।"

"ପଚାରନ୍ତୁ !" ସୁମନ୍ତ ତାର ସ୍ୱାଭାବିକ ହସକୁ ଅଧର କୋଣରେ ରଖି ଉତ୍ତର ଦେଲା ।

Digitized by PPRACHIN, SOA

ଦିଗମ୍ବର ବାବୁ ପଚାରିବେ କି ନାହିଁ ମୀମାଂସା କରି ନ ପାରି ଟିକିଏ ଅଟକିଗଲେ । ତାପରେ ରହି ରହି ପଚାରିଲେ, ଉପନ୍ୟାସ ବିନା ଅନୁଭୂତିରେ ଲେଖା ହୋଇଥିଲେ ସୁଖପାଠ୍ୟ ହୁଏନା ସୁମନ୍ତ । ଲେଖକର ଅଙ୍ଗଳିଷ୍ଟ କଥାରେ ଭାଷା ଓ ଭାବର ସାବଲୀଳ ପ୍ରକାଶ ଥାଏ ! ତୁମ ଗଳ୍ପ ଯେମିତି ଭାବରେ ଗଢି ଆସିଛି, ମନେ-ହୁଏ ବିଷୟବସ୍ତୁ ସଙ୍ଗରେ ତୁମର ସାକ୍ଷାତ ସମ୍ପର୍କ ରହିଛି । କଣ ଭୁଲ କହିଲି ସୁମନ୍ତ ? ଅଶାଳିନରେ ଏ ଅସଂଲଗ୍ନ ପ୍ରଶ୍ନ ପାଇଁ କ୍ଷମା ଦେବ । ଏହା ମୋ ମନର ଗୋଟିଏ ଅଦ୍ଭୁତ କୌତୁହଳର ବହିଃ-ପ୍ରକାଶ ମାତ୍ର । ଆଜି ପଚାରି ଦେଲି ।

ସୁମନ୍ତ ଥଙ୍ଗ୍‌ଥଙ୍ଗ ହେଲା । ମନେ ପଡ଼ିଲା ସେଦିନ ପୁରୀ ତୀର୍ଥର "ଚନ୍ଦନ ମଣ୍ଡପ" କଥା । ତାର ଅତି ଆପଣାର ବନ୍ଧୁ ସତ୍ୟେନ୍ଦ୍ର ନରେନ୍ଦ୍ରର ଭଙ୍ଗା ପଥର ଉପରେ ବସି ପଚାରିଥିଲା, କିଛି ମନେ କରିବୁନି ଯଦି-କଥାଟିଏ ପଚାରନ୍ତି । ସୁମନ୍ତର ନିର୍ଭର ପ୍ରତିଶ୍ରୁତି ପାଇଲା ପରେ ପଚାରିଲା, ସତକରି କହିବୁ ସୁମନ୍ତ, ତୋର ସେହି ତେଜସ୍ୱିନୀ ନାୟିକାଟି କିଏ ? ତୁ ଲେଖିଲା ବେଳେ କାହା କଥା ମନେ ପକାଉ ? କାଉତରେ ଥାଇ କିଏ ତୋର କଳ୍ପନାରେ ରଙ୍ଗ ବୋଳେ ??

ମୋର ମାନସୀ ।

ତାର ଶୁଭ ନାମ ? ତାପରେ ସୁମନ୍ତର ନୀରବତା ଦେଖି କହିଲା, ମୁଁ କାହାକୁ କହିବିନି'ମ ! ସେ ଖବରଟି ନିତାନ୍ତ ଗୋପନୀୟ ରହିବ ଯେ ! କଣ ବିଶ୍ୱାସ କରୁନୁ ?

କହିଲି ପଣ୍ଡ 'ମାନସୀ ।'

ସତ୍ୟେନ୍ଦ୍ର ବିଶ୍ୱାସ କଲା । କହିଲା, ବନ୍ଧୁ ! ସାଥୀ 'ମାନସୀ' ବାସ୍ତବିକ ସୌଭାଗ୍ୟବତୀ । କେତେ ରଙ୍ଗ, କେତେ ଢଙ୍ଗରେ ସେ ହୃଦୟକୁ ତୋର ଛନ୍ଦ ଦେଇ ପାରୁଛନ୍ତି ! ପ୍ରତ୍ୟେକ ଉପନ୍ୟାସ, ପ୍ରତିଟି

Digitized by PPRACHIN, SOA

କବିତାରେ ଅମର ହୋଇ ଯାଉଛନ୍ତି । 'ମାନସୀ' ମରିଯିବେ, କିନ୍ତୁ ତାଙ୍କର ପ୍ରତୀକ, ତାଙ୍କର ପ୍ରତିନିଧିତ୍ୱ କରୁଥିବା ଏହି ମୂକ ମୌନ ମହାକାବ୍ୟ ତାଙ୍କୁ ଅମର କରି ତୋଳିବ । ଦେଶ ତାଙ୍କୁ ସମ୍ମାନ ଦେବ ।

ସେ ଅନେକ ଦିନର କଥା ! ସତ୍ୟେନ୍ଦ୍ର ବିଶ୍ୱାସ କଲା ଏହି କାଳ୍ପନିକ 'ମାନସୀ'କୁ । କହୁଥିଲା, ମାନସୀଙ୍କୁ ମୋର ସବିନୟ ନମସ୍କାର ଜଣାଇ ଦେବୁ । ଆଜି ବୟସ୍କ ଦିଗମ୍ବର ବାବୁ ବି ସେହି ସମାନ ପ୍ରଶ୍ନ ପଚାରୁଛନ୍ତି । ବୋଧହୁଏ ପ୍ରତ୍ୟେକ ପାଠକର ସମାନ ଧାରଣା । ଉପନ୍ୟାସ ପଢି ଭାବନ୍ତି ଲେଖକ ପ୍ରେମିକ ହୋଇଥିବ, ଡିଟେକ୍ଟିଭ୍ ପଢି ଭାବନ୍ତି ଡକାୟତି ବିଦ୍ୟାରେ ପାରଙ୍ଗମ ହୋଇଥିବ ! କେଡ଼େ ଭୁଲ୍ ତାଙ୍କର ଧାରଣା ! ତଥାପି ଏ ପ୍ରଶ୍ନ ଶୁଣିଲେ ଆନନ୍ଦ ଲାଗେ । ଆନନ୍ଦ ଲାଗେ ଏଇ ଧାରଣା ନେଇ ଯେ, ସେମାନେ ଲେଖକ ଭଳି ବିଷୟ-ବସ୍ତୁକୁ ନିଜର କରି ନେଉଛନ୍ତି । ଭାବନା ସମାନ୍ତରାଳ ଭାବରେ ଗତି କରି ପାରୁଛି । ଏହାହିଁ ତ ପୁରସ୍କାର !!

ବାପା ମୁଁ ନିଜେ ଏ ଚା' ତିଆରି କରିଛି । ତୁମେ ଆଜି କପେ ନିଅନା । ଆଶାର ନୟନ ଭଙ୍ଗୀରେ ଆବେଗ ଥିଲା । ହାସ୍ୟୋଜ୍ଜ୍ୱଳ ପୁଷ୍ପଲତାର ଟିରେ ଓଠରେ ଆତ୍ମଗର୍ବ ଥିଲା ।

ଏଇ ଆଶା ! କାମଟାଏ ବତାଇଲେ କରିଛଡ଼ା ଦିଏ । ସକାଳ ଆଠଟାରେ ନିଦ ଭାଙ୍ଗେ - ଆଜିପୁଣି ସାଙ୍ଗ ସୁମନ୍ତ ପାଇଁ ନିଜ ହାତରେ ଚା' ତିଆରି କଲା । ଦିଗମ୍ବର ବାବୁ ଆଶା ଓ ସୁମନ୍ତକୁ ପ୍ରାୟ ଏକ ସଙ୍ଗରେ ଦେଖି ମନେମନେ ହସିଲେ । ପୁଣି କଣ ଭାବିଲେ ।

ସୁମନ୍ତ ଓ ଦିଗମ୍ବର ବାବୁଙ୍କ ଗଳ୍ପ ଆଲୋଚନାରେ ଦୀର୍ଘ ବନ୍ଧନୀ ପଡିଲା । ସୁମନ୍ତକୁ ଉତ୍ତର ଦେବାକୁ ପଡିଲା ନାହିଁ ।

ସୁମନ୍ତ ଚା ଖାଉଖାଉ ହସୁଥିଲା । ଆଶାର ଆକସ୍ମିକ ଆବିର୍ଭାବ ସୁମନ୍ତକୁ ଅସହଜ ପରିସ୍ଥିତିରୁ ମୁକ୍ତି ଦେଇଥିଲା ।

Digitized by PPRACHIN, SOA

କଣ ଭଲ ଲାଗିଲାନି ? ଆଶା ପ୍ରଶଂସା ଦାବୀ କଲା ।

ଖୁବ୍ ଭଲ ହୋଇଛି ମାଆ । କଣ କହୁଛନ୍ତି ସୁମନ୍ତ ବାବୁ ? ଝିଅକୁ ସୁମନ୍ତ ପାଖରୁ ପ୍ରଶଂସାଟିଏ ମଗାଇ ଦେଉଥିଲେ ଦିଗମ୍ବର ବାବୁ । ନ ହେଲେ ଆଶା ହୁଏତ ଅଭିମାନ କରି ବସିବ ।

ଖୁବ୍ ଭଲ ! ସୁମନ୍ତ ହସିହସି କହିଲା ।

ଆଶା ଆହୁରି କିଛି ଆଶା କରୁଥିଲା । ସୁମନ୍ତର ହସିଲା ମୁହଁକୁ ଚାହିଁ ସେ ଭାବିଲା ଉତ୍ତରଟା ବାଧ୍ୟବାଧକତାର ବହିଃପ୍ରକାଶ ମାତ୍ର । ଅଭିଯୋଗ କଲା, ସୁମନ୍ତବାବୁ ସବୁବେଳେ ହସନ୍ତି ବାପା ! ଭଲରେ ଆଉ ମନ୍ଦରେବି । ତେଣୁ ତାଙ୍କ କଥା ବୁଝି ହୁଏ ନାହିଁ ।

ଦିଗମ୍ବର ବାବୁ ଶାନ୍ତ ସୁମନ୍ତକୁ ଚାହିଁଲେ ! ସୁମନ୍ତର ହସିଲା ମୁହଁରେ ଜୀବନ ଥିଲା । ସରଳ, ନିଷ୍ପାପ ହସରେ ସେ ମୁହଁ ଅଧିକ ଶ୍ରୀଯୁକ୍ତ ଜଣା ପଡୁଥିଲା । ଦିଗମ୍ବର ବାବୁଙ୍କୁ ଅନେକ ଆନନ୍ଦ ଦେଲା ସେ ମୁହଁ, ଆଉ ସେ ମୁହଁର ନିର୍ଦ୍ଦୋଷ ହସ । କହିଲେ, ହସରେ ଥାଏ ଜୀବନର ସ୍ୱାଦ । ସବୁ ଦୁଃଖକୁ ଯିଏ ହସି,ହସି ଗ୍ରହଣ କରି ପାରେ ସେ ମାନବ ଭିତରେ ଅତି-ମାନବ ! ଯୋଉ ଜାତିର ଯୁବକ ମୁହଁରେ ହସ ନାହିଁ, ସେ ଜାତି ସମୃଦ୍ଧିଶାଳୀ ହୋଇ ପାରେନା ମାଆ । ସେ ଆଉ ଉଠେଇ ପାରେନା ! ମୋତେ ହସିଲା ମୁହଁକୁ ଖୁବ୍ ଭଲ ଲାଗେ !

ଆଶା ନୀରବ ହେଲା । ବାପାଙ୍କର ମନ୍ତବ୍ୟକୁ ପସନ୍ଦ କଲା ସିଏ ।

ତାପରେ ତିନିଜଣଙ୍କ ଭିତରେ ପଡ଼ିଲା ଅନେକ ଆଲୋଚନା । ଖାଦ୍ୟାଭାବ ଠାରୁ ଖାଦ୍ୟଭଣ୍ଡାର ଯାଏ ଅନେକ କଥା । ସମୟ ଆଗେଇ ଚାଲିଥାଏ । ସୁମନ୍ତ ଶେଷ ବେଳକୁ ସ୍ୱାଗତର ନିମନ୍ତ୍ରଣ କଥା ଉଠାଇଲା । ଆଶା ମଧ୍ୟ ଆଗ୍ରହ ପ୍ରକାଶ କଲା ତହିଁରେ ଯୋଗଦାନ କରିବାକୁ । ଦିଗମ୍ବର ବାବୁ ରାଜି ହେଲେ । କହିଲେ, ସୁମନ୍ତ ବାବୁ

Digitized by PPRACHIN, SOA

ଯଦି ସାଙ୍ଗରେ ଯାଆନ୍ତି ମୋର ଆପତ୍ତି ନାହିଁ । ତାପରେ ଉଠି ଅନୁମତି ମାଗି ସେ ବ୍ୟବସାୟ କାମରେ ଚାଲିଗଲେ ।

ଦିଗମ୍ବର ବାବୁଙ୍କ ବ୍ୟବହାରରେ ଆନ୍ତରିକତା ଥିଲା । ଏତେ ବଡ କୋଠା ଆଉ କାରବାରର ମାଲିକ ହୋଇବି ଗର୍ବ ନାହିଁ କି ବଡିମା ନାହିଁ । କଥା ଭାଷା ତାଙ୍କର ଖୋଲା ସରଳ ଭଳି ମନସ୍ଥାନ । କଥା ପଦକରେ ଅଜଣା ଲୋକଙ୍କୁ ଆପଣାର କରିନେବେ । ଆଉ ତାଙ୍କର ଝିଅ ଏହି ଆଶା ! ସୁମନ୍ତର ମନେ ହେଲା ସତେ ଯେମିତି ଏହି ଆଶା ଆଭିଜାତ୍ୟ ଆଉ ଆତ୍ମ ଗରିମାର ଏକ ମୂର୍ତ୍ତିମନ୍ତ ପ୍ରକାଶ ! ତାର ପ୍ରତ୍ୟେକ ପଲକ କହେ, ମୋତେ ଟିକିଏ ଆଖି ଫେରାଇ ଅନାଅ ! ମୋତେ ପ୍ରଶଂସା କର ! ମୋତେ ସମ୍ମାନ ଦିଅ !!

ସୁମନ୍ତ ପାଖରେ ଏକାନ୍ତରେ ବସି ଆଶା ମନେମନେ ଭାବୁଥିଲା ।

ଆଶା ଶିକ୍ଷିତା, ଆଶା ରୂପସୀ, ଆଶା ସୌଭାଗ୍ୟବତୀ - ତଥାପି ସେ ନାରୀ ! ନାରୀ ଏ ସୃଷ୍ଟିର ଅଦ୍ଭୁତ ଜୀବ ନୁହେଁ । କିନ୍ତୁ ସବୁ ନାରୀ ଆଶା ନୁହନ୍ତି । ପୁରୁଷ ଆଖିରେ କାମିଅ ଲଗାଇ ଯୁଗଯୁଗ ଧରି, ସେ ଗୋଟିଏ ରହସ୍ୟମୟ କବିତାର ଅବୋଧ ଆଉ ଅଗମ୍ୟ ପୃଷ୍ଠା ହୋଇ ରହିଛି । ପୁରୁଷ ମନ ଲଗାଇ ସେ କବିତାକୁ ଅନୁଧ୍ୟାନ କରେ - ଅଧେ ବୁଝେ ତ ଅଧେ ଅବୁଝା ରହିଯାଏ । ତାର ସମସ୍ତ ଶିକ୍ଷା ହାର ମାନେ ଏହି ରହସ୍ୟମୟୀ ନାରୀ ଆଗରେ ।

ଏହି ନିର୍ଜନ ପରିସ୍ଥିତିରେ ଉତ୍ସାହିତ ହୋଇ ସୁମନ୍ତ ସୁଖୀ ଓ ସୌଭାଗ୍ୟବତୀ ଆଶାକୁ ଆଗ୍ରହ ଆଖିରେ ଅନାଇଲା ! ଆଶା ଠିକ୍ ସେହି ସମୟରେ ସୁମନ୍ତକୁ ଅନାଇଥାଏ । ଦୁଇଟି ଆଖି ସାଙ୍ଗରେ ଆଉ ଦୁଇଟି ଆଖିର ଶୁଭ ମିଳନ ହେଲା ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ । ଦୁହିଁଙ୍କ ଶରୀରରେ ଶିହରଣ ଖେଳିଗଲା ।

କଣ ଏତେ ଅନାଉଛନ୍ତି ? ଆଶା ପଚାରିଲା ।

Digitized by PPRACHIN, SOA

ତୁମକୁ··
ନୀତତ’ ଦେଖା ହୁଏ
କିନ୍ତୁ ପ୍ରତିଦିନ ନୂଆ ଦେଖାଯାଅ ।
ସେ ଆପଣଙ୍କ ଆଖିର ଭ୍ରମ !
ସେହି ଭ୍ରମରେହିଁ’ ଆନନ୍ଦ ଅଛି ।
ମୁଁ ମଧ୍ୟ ଆନନ୍ଦିତା । ଆଶା ରହିରହି କହିଲା ।

ଆଶା ଇଚ୍ଛା କରୁଥିଲା ଏ ଉତ୍ତରର ପରେ ହୁଏତ ସୁମନ୍ତ ପାଖେଇ ଆସିବ । ବିନା କାରଣରେ ତାର ଶରୀର ସ୍ପର୍ଶ ପାଇଁ ଅଗ୍ରହୀ ହେବ । ଆଉ ସେ ପ୍ରଥମେ ସମ୍ମତି - ସୂଚକ ପ୍ରତିବାଦ କରିବ । ତାପରେ କିଛି କହିବ ନାହିଁ । ଖାଲି ନୀରବ ରହି ଉପଭୋଗ କରିବ ।

ସୁମନ୍ତ ଆଶାର ମନୋଭାବକୁ ବୁଝି ପାରିଲା ନାହିଁ । ଛାତି ତଳେ ସନ୍ଦେହର ତରଙ୍ଗ ବାଉଳା ଖାଉଥାଏ । ବାଧ୍ୟ କରି ସେ ତାର ପିପାସୀ ଦୃଷ୍ଟିକୁ ଅନିଚ୍ଛା ସତ୍ତ୍ୱେ ପାଖେଇ ନେଲା ।

ପୁଣି କଣ ଦେଖୁଛନ୍ତି ? ଆଶା ପଚାରିଲା ।

‘ଆକାଶକୁ !’

‘ଆଉ ସେ ପକ୍ଷୀ ଦମ୍ପତି ?’ ଆଶାର କଣ୍ଠରେ ଉତ୍ସାହ ଥିଲା । “ବୋଧହୁଏ ବୃଲି ବାହାରିଛନ୍ତି—ନୁହେଁ ?”

ନାଁ - ହୁଏତ ନୀଡ଼ମୁଖୀ ସେମାନେ - ସୁମନ୍ତ ଉତ୍ତର ଦେଲା ।

କେମିତି ଜାଣିଲେ ?

ଆକାଶରେ ମେଘର ଉଦ୍ୟମ - ଟିକିଏ ପରେ ବର୍ଷା ହୋଇ-ପାରେ । ତେଣୁ ନିଶ୍ଚିନ୍ତ ଆଶ୍ରୟକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

କେଡ଼େ ବୋକା ଏ ପକ୍ଷୀ ଜାତି ତାହାହେଲେ ? ବର୍ଷା ହେବ କି ନାହିଁ ଜଣା ନାହିଁ - ଅଥଚ ଏ ସୁନ୍ଦର ଆକାଶ, ସୁଶୀତଳ ପବନ, ଅଜ ସରସ ସହାସ୍ୟ କଥୋପକଥନ ଛାଡ଼ି ନୀଡ଼ ଭିତରର

Digitized by PPRACHIN, SOA

ଅନ୍ଧାରକୁ ଆଦରି ନେବେ । ଜୀବନ ତାଙ୍କର କି ଦୟନୀୟ !

ଆଶାର ଉତ୍ତରରେ ଶ୍ଳେଷ ଥିଲା । ସୁମନ୍ତ ସେତିକି ବୁଝିପାରି କହିଲା, ଆକାଶର ସବୁ ପକ୍ଷୀ ନିର୍ବୋଧ ନୁହନ୍ତି ଆଶା ! ବିଶେଷତଃ ଏ ପକ୍ଷୀ ଦମ୍ପତି ସୁଚତୁର । ବର୍ଷା ଦେଖି ନିଶ୍ଚିନ୍ତ ସଂସାରକୁ ଫେରି ଯାଉଛନ୍ତି । ବର୍ଷା ହେଲେ ପକ୍ଷ ତାଙ୍କର ଓଦା ହେବ । ଦିନଙ୍କର ଭ୍ରମଣ ମଉଜ ସଙ୍ଗରେ ସଦାଦିନର ସ୍ୱାଧୀନ ବିହାରରେ ବାଧା ଆସିପାରେ । ଅଦିନିଆ ବର୍ଷାର କୁଆପଥର ମାଡରେ ପକ୍ଷ ହୁଏତ ଅକ୍ଷମ ହେବ । ତା' ସଙ୍ଗେ ସଙ୍ଗେ ସାରା ଜୀବନଟା ଅକାମୀ ହୋଇ ଯାଇପାରେ । ତେଣୁ ଆଲୋକର ଉପଭୋଗ ଅପେକ୍ଷା ଅନ୍ଧାରର ନିଶ୍ଚିତ ଆଶ୍ରୟକୁ ସେମାନେ ଆଦରି ନେଇଛନ୍ତି ।

ଏ ଆଲୋଚନାର ସମାଧାନ ଅବାସ୍ତବ । ଦୁଇଟି ବିପରୀତମୁଖୀ ମନର କଟିମିଟିଆ ସିଦ୍ଧାନ୍ତ - ଦୁଇଟି ସମାନ୍ତରାଳ ରେଖାର ଯୋଡ ସୂତ୍ରଯୋଗିତା !

କାଲି ଆମକୁ ସହରରୁ ଯିବାକୁ ହେବଯେ ...... ସୁମନ୍ତ ଆଗର ଆଲୋଚନାକୁ ନିଜ ହାତରେ ପୋଛି ଦେଲା ।

"ଅରେ ସତେତ !" ଆଶା କହିଲା, "ମୁଗ୍‌ଧା ପାଖକୁ ଯାଇ ହୋଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖରୁ ଅନୁମତି ଆଣିବାକୁ ହେବଯେ ।"

ଦୁହେଁ ଦିଗମ୍ବର ବାବୁଙ୍କ ଉଆସ ଛାଡ଼ିଲେ !

ଏ ଉଆସରେ ଚଢିବା ଯେମିତି କଷ୍ଟ - ଓହ୍ଲାଇବା ସେମିତି କଷ୍ଟକର । ଏତେ ଜଟିଳତା ଭିତରକୁ ନ ପଶି ସାଦାସିଧାରେ ଚାଲିଗଲେ ସମୟ ଓ ଶକ୍ତିର ଅପଚୟ ହୁଅନ୍ତାନି' । ସୁମନ୍ତ ଭାବୁଥିଲା ତାର ନିଜ ମେସ୍‌ଟିହିଁ ଭଲ । ଅଯଥା ଆଡମ୍ବର ନାହିଁ - ଏତେଗୁଡ଼ିଏ ପାହାଚ ନାହିଁ । ଛୁଆ ହେଲେ ସବୁ ଆଡ଼କୁ ନଜର ପାଏ । କିନ୍ତୁ

Digitized by PPRACHIN, SOA

ଦିଗମ୍ବର ବାବୁଙ୍କ ନଅତଣ୍ଟୁମ୍ବୀ ଅଟ୍ଟାଳିକା ? ଉପରେ ଚଢିଲେ ତଳକୁ ନଜର ପାଏନା କି ତଳେ ଥିଲେ ଉପରର ଗଡବଡ଼ ଶୁଣା ପଡ଼େନା ! କି ଅସୁବିଧା !

ମୁଗ୍ଧାର ହୋଷ୍ଟେଲ ଛାଡ଼ିବା ହେଲା ନାହିଁ । କଲେଜ୍‌ରୁ ଫେରିଲା ବେଳୁ ଦେହରେ ଜ୍ୱର ଅଛି । ଡାକ୍ତର କହିଗଲେ ଦି’ ଦିନ ପାଇଁ ପୂର୍ଣ୍ଣ ବିଶ୍ରାମ ଦରକାର !

ମୁଗ୍ଧା ଶୁଖିଲା ହସ ହସି କହିଲା, ତୁ ଯାଅ ଆଶା, ତୁମମାନଙ୍କ ସାଙ୍ଗରେ ମୁଁ ଯାଇପାରୁ ନଥିବା ହେତୁ ବିଶେଷ ଦୁଃଖିତ ! ସ୍ମିତାର ବାହାଘରଟା ଦେଖିବାକୁ ଯୋଗ ନାହିଁ । ସ୍ମିତାକୁ ଭୁଆସୁଣୀ ବେଶରେ ଦେଖିବାକୁ କିନ୍ତୁ ଖୁବ୍ ମନ ଥିଲା । ତାକୁ କହିବୁ……

କଣ କହିବ ? ଆଶା ଉଦ୍‌ବେଗରେ ପଚାରିଲା —

କହିବୁ ସେ ଟିକିଏ ମୁଗ୍ଧା ଅଟକି ଗଲା । କହିଥାନ୍ତା ସ୍ମିତାକୁ କହିବୁ, ସେ ଟିକିଏ ସଂଯତ ହେବ, ଶିଷ୍ଟ ହେବ । ସବୁ କଥା ସବୁଦିନେ ନଥାଏ । କୁମାରୀ ଜୀବନ ଓ ବିବାହିତ ଜୀବନରେ ଅନେକ ତଫାତ୍ । କୁମାରୀ, ବଧୂ ହେଲେ ଅନେକ ଦାୟିତ୍ୱ ପଡ଼େ । ଝିଅଲି ମନକୁ ସଂଯତ ନକଲେ ନୂଆ ସଂସାରରେ ଚହଳ ପଡ଼ିଯାଏ ! କିନ୍ତୁ ସେ 'କହିଲିବା’ ଏ ଉପଦେଶ ଶୁଣିକି ପର ଆଗରେ ପ୍ରକାଶ କରିବ । ତାର କଣ ଏହି ଉପଦେଶ ଦେବାଭଳି ଯୋଗ୍ୟତା ରହିଛି ? ରୀତାର ସମବୟସୀ ସିଏ । ବନ୍ଧୁ ବନ୍ଧୁକୁ ଅନୁରୋଧ କରେ, ପଚାରିଲେ ପରାମର୍ଶ ଦିଏ କିନ୍ତୁ ଆଗରେ ପଡ଼ି ଉପଦେଶ ଦେବା କଣ ଭଲ କଥା ? ବିଶେଷକରି ଆଶା ଆଗରେ ସେସବୁ ଶୋଭନୀୟ ନୁହେଁ । ତୁଚ୍ଛା କଥାକୁ ତାର ହସ ପରିହାସ ! ଧନ୍ୟ ପିତାର ଅଲିଅଳ ଝିଅ ଏହି ଆଶା ! ସେ ତାର କଥା ଶୁଣି ଚୁଟ୍‌କି ଫୁଟାଇ ଉଡାଇ ଦେବ । ଖିଲିଖିଲି ହୋଇ ହସିବ ।

Digitized by PPRACHIN, SOA

କାଲେ ପୁଣି କରୁନୁ — ଆଶା ଦାବୀ କଲା ।

କହନ୍ତୁ ସେ ଆମମାନେ କ୍ଷମା ଦେବ । ଦେଖି ଯୋଗୁ ଯାଇନାହିଁ!

ଖାଲି ଏତିକି ?

ମୋର ଶୁଭେଚ୍ଛା ଜଣାଇ ଦେବୁ !

ଆଶା ହୋଷ୍ଟେଲରୁ ଫେରିଲାବେଳେ ଖୁସି ଥିଲା । ମୁହଁରେ ଆଞ୍ଚୁଳେ ହସ ଚହଲି ଥିଲା ! ସୁମନ୍ତ ପାଖରେ ଏକାନ୍ତ ମୁହୂର୍ତ୍ତର ଆସନ୍ନ ଲଗ୍ନକୁ ସ୍ୱାଗତ କରୁଥିଲା ସେ ! ବାଟରେ ଅଡୁଆ ହେବାକୁ ମୁଦ୍ଧା ନଥିଲେ । ଖାଲି ସିଏ ଓ ସୁମନ୍ତ ! ଦୀପ ଓ ସଳିତା !!

ଚଳନ୍ତା ରେଲ୍‌ଗାଡ଼ିରେ ଗୋଟିଏ ନିର୍ଜନ କମ୍ପାର୍ଟମେଣ୍ଟରେ ବସିଥାନ୍ତି ସୁମନ୍ତ ଓ ଆଶା !

କଲେଜରେ ପ୍ରଥମେ ସାକ୍ଷାତ ହେଲାବେଳେ ପରସ୍ପର ସମ୍ପୂର୍ଣ୍ଣ ଅପରିଚିତ ଥିଲେ । ଅନେକ୍ କିଏ କେଉଁଠ ବସିଲେ, ଖେଳିଲେ, ବୁଲିଲେ କେହି କାହାକୁ ପଚାରି ନାହିଁ । ଆଶାର ଚପଳ ଚଞ୍ଚଳ ମନ ସୌମ୍ୟଦର୍ଶନ, ବପୁବନ୍ତ ଓ ସୁସ୍ୱାସ୍ଥ୍ୟବନ୍ତ ସୁମନ୍ତର ନିକଟବର୍ତ୍ତୀ ହେବାକୁ ଆଗ୍ରହ ପ୍ରକାଶ କଲା । ସୁମନ୍ତର ତରୁଣ ମନ ସୁନ୍ଦରୀ ଆଶାର ସାନ୍ନିଧ୍ୟ ପାଇ ମୁଗ୍ଧ ହେଲା । ସୁମନ୍ତ ପାଇଁ ଆଶାର ହୃଦୟରେ ଅନୁରକ୍ତି ଥିଲା କି ନାହିଁ କେଜାଣି କିନ୍ତୁ ଆଗ୍ରହ ଥିବାର ଜଣା ପଡ଼ିଲା ।

ସୀମାହୀନ ଶସ୍ୟ-କ୍ଷେତ୍ରର ସବୁଜିମା କାଟି କାଟି ରେଲ୍‌ଗାଡ଼ି ଅଣନିଃଶ୍ୱାସୀ ହୋଇ ଧାଉଁଛି । ମଝିରେ ମଝିରେ ମୁକ୍ତ ପ୍ରାନ୍ତର ପାହାଡ଼-ତଳି ଭିତରେ ଜାତି ଜାତିକା ଗଛ ଓ ଫୁଲର ସମାବେଶ । ଅଜଣା

Digitized by PPRACHIN, SOA

ଲଲାଟରେ ନାଲି ଫୁଟିଛି । ଅନାମିକା ଗଣ୍ଡରେ ମଳ ଫଳିଛି । ଡାକେ ଡାକେ ପାହାଡ଼ିଆ ପକ୍ଷୀର କଳକୂଜନ ! ସେ ଶୋଭା ଅପୂର୍ବ ଓ ଅନାଦେୟ ! କଳ୍ପନା ଓ ବାସ୍ତବତାର ମିଶା ମିଶି !!

ଚଳନ୍ତା ରେଲ୍‌ଗାଡ଼ୀକୁ ଦେଖି ପାଖ ଗାଁର ଅଶିକ୍ଷିତ ଲୋକ ତାଳି ମାରୁଛନ୍ତି । ଅଜ୍ଞାନ ବାଳକ ବାଳିକା ହର୍ଷଧ୍ୱନି କରୁଛନ୍ତି - ଆକାଶରେ କପୋତ କପୋତୀର ଜ-ମନ୍ଦ କଳରବ । ସ୍ୱାସ୍ଥ୍ୟବତୀ କପୋତୀ, ନୟନ ଭଙ୍ଗୀରେ ଅପାଙ୍ଗ ଚାହିଁ ସାଥୀ କପୋତକୁ ସମ୍ମୁଗ୍ଧ କରିଥିଲା । ସମ୍ମୁଗ୍ଧ କପୋତର ଶିରାରେ ଶିରାରେ ହୁଏତ ଉତ୍ତେଜନାର ତରଙ୍ଗ ଖେଳୁଥିବ — ମୁକ୍ତ ଚେତନାର ମୁକୁଳା ଛନ୍ଦ ଆତୁର କ୍ଷିପ୍ର ଆତୁର ବେଗ୍ର ହୋଇଥିବ ।

ସୁନୀଲ ଆକାଶର ଲମ୍ବା ମେଘରେ ଅନେକ ରଙ୍ଗ ଲାଗିଛି । ସେ ରଙ୍ଗର ଛିଟିକା ବାଜିଛି ତରୁଣୀ ଆଶାର କୁମାରୀ ମନରେ । ସର୍ବାଙ୍ଗ ତାର ମିଳନର ଅପୂର୍ବ ଛନ୍ଦରେ ଛନ୍ଦାୟିତ । ସ୍ୱର୍ଣ୍ଣକାନ୍ତି ଶରୀର, ସୁମନ୍ତର ସାନିଧ୍ୟ ପାଇ ସବୁ ଭୁଲି ଯାଉଛି । ସେ ଭୁଲି-ଯାଉଛି ଯେ ଲକ୍ଷପତି ଦିଗମ୍ବରବାବୁ ତାର ପିତା, ସହରର ସୁରମ୍ୟ ଅଟ୍ଟାଳିକା ତାର ଆବାସ, ଉଚ୍ଚ ଶିକ୍ଷା ସକାଶେ ଓଡ଼ିଶା କଲେଜର ସେ ଗୋଟିଏ କୃତୀ ଛାତ୍ରୀ ! ଆଶା ସମ୍ବନ୍ଧବର୍ଜ୍ଜିତା, ସମ୍ପର୍କହୀନା ସାମାନ୍ୟ ଆଶା ହୋଇ ବସିଥିଲା । ଆଶା କେବଳ ତରୁଣୀ ଆଶା ! ସର୍ବାଙ୍ଗରେ ତାର ତାରୁଣ୍ୟର ବିଳାସ ! ମନ ଭିତରେ ମହୁଲ ମଦର କଡ଼ା ନିଶା । ଶିର ପ୍ରଶିରରେ ଯୌବନର ବେତାଳିଆ ସଙ୍ଗୀତ ।

ସୁମନ୍ତ ଏହି ସୁନ୍ଦରୀ, ସ୍ୱାସ୍ଥ୍ୟବତୀ ଆଶା ମୁହଁକୁ ଚାହିଁଲା । ତାର ମଦିର-ନୟନର ଘୁମନ୍ତ ଦୋଳାରେ ଥାଏ ଅନେକ ଆଳସ୍ୟର ଦେଳା । ଘନ କୃଷ୍ଣ କେଶ ଗୁଚ୍ଛରେ ସେଣ୍ଟ୍ ଭିଜା ରିବନ୍ ପାହାଡ଼ିଆ ପବନରେ ନାଚିନାଚି ଉଠୁଥିଲା । ପକ୍ଷ୍ମ ଲତାର ଫାଙ୍କରେ ବୋଲି

Digitized by PPRACHIN, SOA

ହୋଇଥିଲା ଯୁଗାନ୍ତ - ବ୍ୟାପୀ ରହସ୍ୟର ରଙ୍ଗ । ପିଅସୀ ଓଠଳା ଦୁଇଟିରେ ଛଳଛଳ ହେଉଥାଏ ପ୍ରଣୟୀର ସ୍ୱାଧୀନ ସଂଳାପ ।

ସୁମନ୍ତ ମନର ଧୈର୍ଯ୍ୟଚ୍ୟୁତ ହେଲା । କିନ୍ତୁ ବିବେକ ତାକୁ ବାରମ୍ବାର ଦଂଶନ କରୁଥାଏ ।

ଅଣା ମୁହଁକୁ ଚାହିଁଲେ ମନେ ହେଉଥାଏ, ସତେ ଯେମିତ ସେ ଫାଲ୍‌ଗୁନ ସଂଧ୍ୟାର ପୁଷ୍ପିତ ବିଳାସ ! ଅଷାଢ଼ ଅସରାର କାମାର୍ତ୍ତ ବିଳାପ ! ପ୍ରସ୍ଫୁଟିତ କୁସୁମର ଉନ୍ମାଦନୀ ଗନ୍ଧ !!

ଅଣାର ଅଙ୍ଗଲତା ଅସମ୍ଭବ ଭାବେ ଅଶ୍ଳୀଳ ହୋଇ ଉଠୁଛି । ତାର ତରଙ୍ଗାୟିତ ଚୂର୍ଣ୍ଣକୁନ୍ତଳ କେଇଟି ଚିକଣ କପୋଳ ଉପରେ ବାରମ୍ବାର ଖସି ପଡୁଛି । ସ୍ଫଟିକ ଧବଳ ବାହୁଲତା ତୋଳି ତାକୁ ଅନ୍ୟମନସ୍କ ଭାବରେ ସଜାଡି ନେଉଛି ସେ । ମନେ ହେଉଥାଏ ପରୀ ରାଇଜର ରୂପସୀ ରାଜକନ୍ୟାଟିଏ ପଥ ଭୁଲି ଧାଇଁଲେଇ ପଡୁଛି ।

ଠିକ ଏହି ସମୟରେ ଦଣ ଭିତରୁ କେଉଁ ଅନାମିକା ଫୁଲର ଗନ୍ଧ ପ୍ରବାହମାନ ପବନ ତରଙ୍ଗରେ ପୃଥିବୀରେ ଭାସି ଆସିଲା । ଦିବସର ପାତଳ କିରଣ ରେଖା କାଟି, ଆକାଶର କୋମଳ ଦେଶ ଭିତରେ ମୁହଁ ଲୁଚାଇ ଦୁଇଟି ସାଥୀ ବିହଗ ତାଳଧର ଉଡ଼ିଯାଉଥିଲେ ।

ଅଣା ଦେଖାଯାଉଥାଏ ଠିକ୍ ଏକ ବିବାହ ବେଦୀର ବଧୂଭଳି । ମୁହଁରେ ଲାଜ, ଆଖିରେ ସରମ ନେଇ ସେ ଶିହରି ଉଠୁଥାଏ ।

ସୁମନ୍ତର ବିବେକ, ମନର ଚଞ୍ଚଳତା ଉପରେ ଲଗାମ ଲଗାଇ ପାରୁଛି — ସେ ନରମ ଗଳାରେ କହିଲା, ତୁମେ ଅସ୍ଥିର ହୋଇ-ପଡୁଛ ଯେ ଅଣା ! କଥା କଣ ?

କାହିଁ ? ନାଁ-ତ ! କେମିତ ଜାଣିଲେ ? ଅଣା ପଚାରିଲା ।

ତୁମ ମୁହଁ, ତୁମ ଆଖି ତାର ସାକ୍ଷୀ ! ସୁମନ୍ତ ଉତ୍ତର ଦେଲା ।

ଅସ୍ଥିର ହୁଏ ମନ ନା ମୁହଁ ସୁମନ୍ତବାବୁ ?

Digitized by PPRACHIN, SOA

ମନ ଅସ୍ଥିର ହେଲେ ମୁହଁ ସେ କଥା କହେ ! ମନ ହିନା ଭିତର ଜିନିଷ – କିନ୍ତୁ ତୁମର ଏ ଆଖି ଆଉ ମୁହଁ ଯେ ବାହାରର । ଭିତର ଆଉ ବାହାର ମିଶି ହୁଏ ମଣିଷ । ଉଭୟେ ଉଭୟର ପରିପୂରକ । ତେଣୁ ପ୍ରତ୍ୟେକ ଭାବ, ପ୍ରତିଟି ଚିନ୍ତାର ଅନୁରୂପ ଉଚ୍ଛ୍ୱାସ ଖେଳେ, ମନ ଓ ଶରୀର ଉପରେ । ମୁହଁରେ ଯେତିକି କଥା କହି ହୁଏ ନାହିଁ – ଆଖିରେ ସେତିକି କଣାଇ ହୁଏ – ବମନା ଥିଲେ ମୁହଁ ଝାଉଁଳୀ ଯାଏ ।

ଆପଣ ତ ବେଶ୍ ମନସ୍ତାତ୍ତ୍ୱିକ ପାଲଟି ଯାଇଛନ୍ତି ! ଏଇନେ ମୁଁ କଣ ଭାବୁଛି କହିଲେ ?

କୁମାରୀ ଜୀବନର ଅଜସ୍ରା ଭାବନା ! ଆଖିରେ କଳ୍ପନାର ଝଲ୍କ, ମୁହଁରେ ଅନାଗତ ଭବିଷ୍ୟତର ସବୁଜ ସ୍ୱପ୍ନ ନେଇ ଆପଣ ବର୍ତ୍ତିମାନକୁ ଓଜନ କରୁଛନ୍ତି ! ଶୁଣିଲେ ତ ?

ରେଲ୍‌ଗାଡ଼ୀ ଷ୍ଟେସନ ଧରିଲା । କେତେକ ଅପରିଚିତ ଯାତ୍ରୀ ଆସି ଖାଲି ତବାଟାରେ ଠୁଳ ହେଲେ । ଆଶା ସୁମନ୍ତ ପାଖକୁ ଘଞ୍ଚେଇ ବସିଲା । ଆଶାର ଉଷ୍ଣ ଶରୀରର ଉତ୍ତାପ ଆସି ବାଜିଲା ସୁମନ୍ତର ଦେହ ପାଖରେ । ଉଭୟେ ଉଭୟଙ୍କର ସାନ୍ନିଧ୍ୟକୁ ଉପଭୋଗ କଲେ । ଅନ୍ୟ କେହି ନ ବୁଝିଲେ ବି ଦୁଇଟି ମନ, ଶରୀର ଭିତରେ ବାଉଳା ହେଲା । ଉଭୟେ ବୁଝିଲେ ସେମାନେ ଗୃହାନ୍ତ କଣ ? କିନ୍ତୁ କାହାର ଆଗରେ କେହି କିଛି କହିଲେ ନାହିଁ ।

ନିର୍ଦ୍ଦିଷ୍ଟ ଷ୍ଟେସନ ପାଖେଇ ଆସିଲା !

ଶ୍ରୀକାନ୍ତ ଷ୍ଟେସନକୁ ଆସି ସେମାନଙ୍କୁ ପାଛୋଟି ନେଲା । ଶ୍ରୀକାନ୍ତକୁ ଦେଖି ଆଶା ଭାବୁଥାଏ ଏ ବବାହ ଉତ୍ସବରେ ଯୋଗଦାନ କରିବାକୁ ଆସି ସେ ଭୁଲ୍ କରିନି ତ ? ତଥାପି ଆଶା ଓ ଶ୍ରୀକାନ୍ତ ହସିହସି କଥା ହେଲେ । ଅତୀତକୁ ସେମାନେ ଜାଣିଶୁଣି ପାସୋରି

Digitized by PPRACHIN, SOA

ହେଲେ । ମନେ ହେଉଥିଲା, ସତେ ଯେମିତି ଅତୀତ ତାଙ୍କର ନଥିଲା । ବର୍ତ୍ତିମାନର ସୁଦୃଢ଼ ଭିତ୍ତି ଉପରେ ଛିଡ଼ାହୋଇ ସେମାନେ ପରସ୍ପରକୁ ଚାହିଁଛନ୍ତି । ଆଖିରେ ଖାଲି ଏଇ ବର୍ତ୍ତିମାନ ପରିଚୟ ହେଲା ଭଲ ଗୃହିଣୀ । ମୁହଁରେ ଛଳନାର ଲିପିକା ।

ସୁମନ୍ତକୁ ଏକାନ୍ତରେ ଦେଖି ଆଶା ମନ୍ତବ୍ୟ କଲା, ଶ୍ରୀକାନ୍ତ ଲୋକଟି ଭଲ ନୁହେ ସୁମନ୍ତବାବୁ ! ଚକ୍‌ଚକିଆ କଥା ଭିତରେ ଖଣ୍ଡା-ଧାରର ଶାଣ ଅଛି । ମୁହଁରେ ମିଠା ତ ପେଟରେ କପଟ ।

କେମିତି ଜାଣିଲ ? କଣ ବନ୍ଧୁତା ଥିଲା ??

ପଦେ କଥାରେ ମଣିଷ ଚିହ୍ନା ପଡନ୍ତି । ଗୋଟିଏ ବର୍ଷ ଗୋଟିଏ କ୍ଲାସରେ କଟିଛି । ନିତିଦିନ ଦେଖାସାକ୍ଷାତ ଓ କଥାଭାଷା ସେହି ଦୃଷ୍ଟିରୁ ବନ୍ଧୁତାର ଟିକାଏ ଜମି ଯାଇଥିଲା ।

ସୁମନ୍ତ ହସିଲା । କହିଲା, ମଣିଷ ଏ ସୃଷ୍ଟିରେ ଗୋଟିଏ ଅଦ୍ଭୁତ ପ୍ରାଣୀ ! ହଜାର ବର୍ଷଧରି ଗବେଷକ ତାକୁ ଖୋଲା ଭାବେ ବୁଝିବାକୁ ଆଉ ଜାଣିବାକୁ ଚେଷ୍ଟା କରି ଆସିଛନ୍ତି, ତଥାପି ପାରିନାହାନ୍ତି । କିନ୍ତୁ ବର୍ଷଟି ଭିତରେ --

ଆଶା ଆଉ ଆଗକୁ ଯିବାକୁ ନ ଦେଇ କହି ଉଠିଲା — ସମଗୋତ୍ରୀ ପୁରୁଷ ଆଉ ଗୋଟିଏ ପୁରୁଷକୁ ଚିହ୍ନିବାକୁ ଡେରି ହୋଇପାରେ କିନ୍ତୁ ନାରୀ ଆଖିରେ ପୁରୁଷର ସ୍ୱରୂପ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଏ । କଥା ପଦକରେ ତାର ମନ, ତାର ହୃଦୟ ଆପେଆପେ ଖଡି ହୋଇଯାଏ ।

ସୁମନ୍ତ ଆଶ୍ଚର୍ଯ୍ୟ ହେଲା ଆଶାର ଉତ୍ତର ଶୁଣି । ଅତି ଅଦ୍ଭୁତ ଏହି ଆଶା ! ରହସ୍ୟର ନିଃଶ୍ୱାସ ନେଇ ସେ ଯା' ଅସ କରେ । ସବୁ କହେ ଅଥଚ ସବୁ ଲୁଚିଯାଏ ।

Digitized by PPRACHIN, SOA

ଗାଁରେ ପହଞ୍ଚିଲ ବେଳକୁ ବାହାଘରର ବାଜା ଶୁଭୁଥାଏ । ଗାଆଁ ଦାଣ୍ଡଟି ବେଶ୍ ଗହଳ ହୋଇ ଉଠିଥାଏ ! ଶିକ୍ଷିତା ଝିଅ ରୀତା ସାଙ୍ଗରେ ବିଖ୍ୟାତ ଜମିଦାରର ବାହାଘର ? ମସ୍ତବଡ କାରଖାନା - ଅଖିଳଙ୍କ ଭୋଜ । କେତେ କଣ । ଗାଆଁ ଲୋକ ଖୁସି ହେବେନି !

ରୀତା ଖୁସିହେଲା । ଆଶାକୁ ଆଲିଙ୍ଗନ କରି ବୁହେ ବେଳ ଅଟକାଇ ରଖିଲା । ତା'ପରେ ଦୀର୍ଘ ଅନ୍ତରର ଜଞ୍ଜମୁଦ ଫିଟାଇ ଅନେକ ଆଲୋଚନା କଲେ । ଆଶା ଚୁପ୍ ଚାପ୍ ପଚାରିଲା, ଶେଷକୁ ପଞ୍ଜୁରୀ ଭିତରକୁ ପଶିଲୁ ଏକା — କେମିତି କଣ ହେଲାଲୋ ?

ସବୁ ଭଗବାନଙ୍କ ବରଦ ଆଶା ! ଯୋଗ ଆସିଲେ ମନ ଲଇଁ ଯାଏ । ସବୁ ସ୍ତ୍ରୀ ସେଇଭଳି । ଉପରେ ଉପରେ ମନାକଲେବି ବାହାହେବାକୁ ସଭିଙ୍କର ମନ । ଖାଲି ପାନ ପାଇବା କଥା । ତୋର ମୁଣ୍ଡି ଖବର କଣ ? ବାହା ହଉଛୁତ ?

ବାହା କରିବେନି ଭାବୁଛନ୍ତି । ଅନେକ ସମ୍ବନ୍ଧ ଆସୁଛନ୍ତି । କିନ୍ତୁ ଆପେଆପେ ଭାଙ୍ଗି ଯାଉଛି । ସ୍ୱାଧୀନ ଜୀବନର ସ୍ୱାଦ ବାହାହେଲେ ଆଉ କଣ ମିଳିବ ? ଜୀବନ ବନ୍ଧନ ଭିତରେ ରହି ଖାଲି ଆର୍ତ୍ତନାଦ କରିବ । ମୁଁ ସେସବୁ ସମ୍ଭାଳି ପାରିବି ନାହିଁ ।

ମୁଁ ବି' ଦିନେ ସେଇଆ ଭାବୁଥିଲି ଆଶା ! ଭାବୁଥିଲି ତରୁଣୀ ଯୋଟିଏ ଅଦ୍ଭୁତ ସୁନ୍ଦର ଫୁଲ । ତାର ଅନେକ ସୁବାସ, ଅନେକ ମାଧୁର୍ଯ୍ୟ । ସେ ଫୁଲକୁ ସଜାଡି ରଖିଲେ ଅନେକ ଦିନଯାଏ ସଜ ହୋଇ ରହେ, ସୁଗନ୍ଧ ବାଣ୍ଟି ଦୁନିଆକୁ ମାତାଲ କରେ । ଯୌବନ ମଧୁ ଲୋଭରେ ଅନେକ ଭ୍ରମର ଆଖିବୁଜା ଚକର କାଟନ୍ତି । କାନେ କାନେ ତୁନାତୁନ ଗୁଣୁ ଗୁଣୁ ହୋଇ ପ୍ରେମର ସଙ୍ଗୀତ ଗାଆନ୍ତି । ଟିକିଏ ଧୈର୍ଯ୍ୟ ଥିଲେ ପିଆସୀ ତରୁଣକୁ ନଚାଇ ଖେଳାଯାଇ ପାରେ । ସେ ଯେତିକି ଆଗେଇବ ସେତିକି ଘୁଞ୍ଚି ଯାଉଥିବ । ଦେଖା ଦେଇ

Digitized by PPRACHIN, SOA

ଧସ୍ୱ ଦେବନି' । ଦେଖିବ ସେ ମନ ଭିତରେ କେମିତି ଜାଳୁଛି । କିନ୍ତୁ ପରେ ଆଖି ଆଗରେ ଦେଖିଲା, ତରୁଣୀ ଶତ ଚେଷ୍ଟା କଲେବି' ତାର ତାରୁଣ୍ୟ କାଠ ଦଂଶ ହୁଏ । ଅଦିନିଆ କୁଆପଥର ଭଳି ବୟସ ଗଡ଼-ଗଲେ ସେ ସବୁ ମଉଳି ଯାଏ । ରୂପ ସରିଗଲେ ମନର ଦମ୍ଭ ଭାଙ୍ଗି ଯାଏ । ଜଣକର ନିଶ୍ଚିତ ଆଶ୍ରୟ ପାଇବା ଲାଗି ବ୍ୟାକୁଳ ହୁଏ ମନ । ବିବାହ ହେବାର ଇଚ୍ଛା ପ୍ରବଳ ହୋଇ ଉଠେ । ତରୁଣୀ ଶେଷକୁ ବିବାହ କରେ । ପରପାଇଁ ନୁହେଁ — ନିଜପାଇଁ ।

ଆଶା ଓଠରେ ମୁଠାଏ ହସ ଖୁନ୍ଦ ହୋଇଗଲା । ସେ ହସ ପରିହାସର ହସ । ରୀତା ଦିନେ ଆଜୀବନ କୁମାରୀ ରହିବାକୁ କହୁଥିଲା । ଏବେ ବିବାହ ଗୃହରେ ଘୋଡ଼ି ହୋଇ ବୈବାହିକ ସମ୍ବନ୍ଧର ତାରିଫ୍ କରୁଛି । କିନ୍ତୁ ମନର ଭାବନାକୁ ଗୋପନ ରଖି ସେ ନଶୁଣିଲାଭଳି ଅନ୍ୟମନସ୍କ ରହିବାର ଛଳନା କଲା ।

ସୁମନ୍ତ ଆସି ରୀତାକୁ ବିବାହ ଶୁଭେଚ୍ଛା ଜ୍ଞାପନ କଲା ।

ରୀତା ହସିଲା ମୁହଁରେ ସୁମନ୍ତର ଶୁଭେଚ୍ଛାକୁ ଗ୍ରହଣକରି ଧନ୍ୟବାଦ ଦେଲା । ସେ ସୁଖୀ ଥିଲା ।

ସୁମନ୍ତ ଓ ଆଶା ଆଗପଛ ହୋଇ ସେ ଘରୁ ବାହାରି ଆସିଲେ । ବାହାଘରର ନିମନ୍ତ୍ରିତ ଅନେକ ସ୍ତ୍ରୀ ପୁରୁଷ ସେମାନଙ୍କୁ ଉତ୍ସୁକ ଆଖିରେ ଅନାଇ ରହିଥାନ୍ତି । ଆଖିରେ ଅନେକ ବିସ୍ମୟ, ଅନେକ ପ୍ରଶ୍ନ ଭରି ହୋଇଥାଏ । ଅବିବାହିତା ତରୁଣୀ କେଉଁଠି ସେମାନଙ୍କର ସମ୍ବନ୍ଧ ଜାଣିବାକୁ ତତ୍ପର ହୋଇ ଉଠିଥାନ୍ତି । ଆଡ଼ଆଖିରେ କଟାକ୍ଷ ହାଣୁଥାନ୍ତି ।

ସ୍ୱାମୀ ସ୍ତ୍ରୀ ହୋଇଥିବେ ବୋଧହୁଏ । ଜଣେ ବର୍ଷୀୟସୀ ନାରୀ ମନ୍ତବ୍ୟ ଦେଲା । ଓଠରେ ତାର ବଙ୍କୁଲି ହସ ।

କପାଳେ ସିନ୍ଦୁର କାହିଁ ? ଆଉଜଣେ ପଚାରିଲା ।

ମୁଣ୍ଡରେ ଓଢଣା ନାହିଁ କି ହାତରେ ଚୁଡ଼ିଲାଖ ବି' ନାହିଁ ।

Digitized by PPRACHIN, SOA

ସ୍ୱାମୀ ସ୍ତ୍ରୀ ହେବେ କେମିତି ? ବୁଢ଼ା ଜଣେ ପ୍ରଶ୍ନ କଲେ ।

ସୁମନ୍ତ ଓ ଆଶା ପରସ୍ପର ମୁହଁକୁ ଚାହିଁ ହସିଦେଲେ । ସୁମନ୍ତ ପଚାରିଲା, କହିଲ ଆଶା ?

କହିଲି - ଆଶା ଉତ୍ତର ଦେଲା । କଣ ଆପଣ କହିଥାନ୍ତେ ?

ଆପଣ ନୁହେଁଯେ - କେତେବେ ?

ତେବେ ଆଉ କଣ ? ନକାରିଲା । ଲୋକ ଅନେକ ଭୁଲ କରନ୍ତି । ପଚାରି ବୁଝିନେବାର ସାହସ ନଥାଏ - ଅଥଚ ଅନୁମାନ କରି ବନେଇ ଚୁନେଇ ଅନେକ କଥା କହନ୍ତି ।

ଗୋଟିଏ କଥା ପଚାରିବି କହିବ ? ସୁମନ୍ତ ପ୍ରଶ୍ନ କଲା ।

ଗୋଟିଏ କାହିଁକି ଯେତେ ଇଚ୍ଛା ସେତେ ପଚାରନ୍ତୁ । ଜାଣି-ଥିଲେ ନିଶ୍ଚୟ କହିବି ।

ଆପଣ ଯଦି ବିବାହ କରନ୍ତେ ....

ଆଶା ହସିଲା । କହିଲା - ଆମ ବିବାହରେ ଅନେକ ବାଣ ମରନ୍ତା । ବାହାର ବନ୍ଧୁବାନ୍ଧବ ଆସି ଅଭିନନ୍ଦନ ଜଣାନ୍ତେ । ରାତିର ବାହାଘର ଭଳି ଗୁଡ଼ାଏ ଧୂମ୍‌ଧାମ ହୁଅନ୍ତା । କିନ୍ତୁ ଆମର ଏ ବନ୍ଧୁତା ରହନ୍ତା ନାହିଁ କି ଆନନ୍ଦ ରହନ୍ତା ନାହିଁ ।

କେମିତି ? ସୁମନ୍ତ ଅସ୍ଥିର ହେଲା ।

ମୋ ମତରେ ବିବାହ ଗୋଟାଏ ବନ୍ଧନ । ସେ ବନ୍ଧନ ଦାସ ଓ ମୁନିବର । ତାର ଭିତରେ ଖୋଲା ବନ୍ଧୁତା ତିଷ୍ଠି ପାରେ ନାହିଁ । ତା' ଛଡ଼ା ମୁଁ ଏବେ ବିବାହର ଆବଶ୍ୟକତା କିଛି ଅନୁଭବ କରୁନାହିଁ । ଖେଳିବୁଲି ମଉଜରେ ଅଛି । ଦିନ ଆନନ୍ଦରେ କଟି ଯାଉଛି । ବିବାହ ବନ୍ଧନରେ ବନ୍ଦହୋଇ ଜୀବନର ସ୍ୱଚ୍ଛନ୍ଦ ଗତିକୁ ପଥରୋଧ କରିବାକୁ ମୁଁ ଚାହେଁନା - ଏତେବଡ଼ ଜଞ୍ଜାଳକୁ ଜାଣି-ଶୁଣି ଟାଣିଆଣି ଏ ବିରାଟ ଭୁଲ କରିବାକୁ ଇଚ୍ଛା ନାହିଁ ।

Digitized by PPRACHIN, SOA

ତଥାପି ଆଶା, ଦୁନିଆର ସମସ୍ତ ତରୁଣ ତରୁଣୀ ବିବାହ କରନ୍ତି । ନିର୍ଜୀବ ସାଥୀହୀନ ମଣିଷ ସାମୟିକ ଆନନ୍ଦ ଦେଲେହେଁ ତହିଁରେ ତୃପ୍ତି ନାହିଁ । ବିବାହବିହୀନ ଜୀବନ ସଂପୂର୍ଣ୍ଣ ନୁହେଁ । ବିବାହ ଜୀବନର ଯେତେ ବଡ଼ ଭୁଲ ହେଲେବି ତାକୁ ଛାଡ଼ି ଦେଇ ଜୀବନ ସଂପୂର୍ଣ୍ଣ ହୁଏନା ! ତୁମେ ଅଉଥରେ ବିଚାର କର ଆଶା !

ଆଶା ପ୍ରକାଶ୍ୟରେ ହସିଲା । ଉପହାସ କରି କହିଲା ସୁମନ୍ତବାବୁ, ଆଶା କୁମାରୀର ମନ ନେଇ ଜନ୍ମଗ୍ରହଣ କରିଛି । ସେ ସବୁଦିନେ କୁମାରୀ ହୋଇହିଁ ରହିବ । ଆପଣ ଯଦି ଆଶାକୁ ପତ୍ନୀ ରୂପରେ ପାଇବାକୁ ପରିକଳ୍ପନା କରିଥାନ୍ତି, ତେବେ ଜାଣିରଖନ୍ତୁ ସେ ଗୋଟିଏ ମସ୍ତବଡ ଭୁଲ ! ସେହି ଭୁଲକୁ ସଂଶୋଧନ କରିବାକୁ ମୁଁ ଯଥେଷ୍ଟ ସାହାଯ୍ୟ କରିବି । ପତ୍ନୀ ଅପେକ୍ଷା ବାନ୍ଧବୀର ଆଦର ଅନେକ ବେଶୀ ବୋଲି ମୋର ଧାରଣା । ତା'ଛଡ଼ା ବିବାହ ତ' ଜୀବନର ପ୍ରଧାନ ଲକ୍ଷ୍ୟ ନୁହେଁ ? ମୁଁ ତ ଦେଖୁଛି ଅନେକ କୁମାରୀ ସୁନ୍ଦର ଚଳୁଛନ୍ତି ।

ସୁମନ୍ତ ଆଶାର ଏହି ଅଚାନକ ଆକ୍ରମଣରେ ଆହତ ହେଲା । ତଥାପି ମନର ଭଗ୍ନମୁଖୀ ଅବସ୍ଥାକୁ ଘୋଡାଇ ରଖି କହିଲା, ମୁଁ ପ୍ରକୃତରେ ଭୁଲ କରିଥିଲି ଆଶା ! ମୋତେ କ୍ଷମା ଦେବ । ମୁଁ ବିବାହ ହେବାକୁ ଇଚ୍ଛାକଲେ ହୁଏତ ବାପା ମା ଖୁସିହୋଇ ତାର ବ୍ୟବସ୍ଥା କରିବେ । ଆଉ ଆପଣଙ୍କ କୁମାରୀ ଜୀବନରେ ଅନେକ ବନ୍ଧୁ ମିଳିବେହିଁ ମିଳିବେ । ଅନ୍ତତଃ ତାହାହିଁ ମୋର ବିଶ୍ୱାସ । ସୁମନ୍ତର କଣ୍ଠରେ କାରୁଣ୍ୟ ଥିଲା ।

ଶ୍ରୀକାନ୍ତ ସେ ବାଟରେ ଚାଲିଯାଉଥିବା ଦେଖି ସୁମନ୍ତ ତାକୁ ପାଖକୁ ଡାକିଲା । ଶ୍ରୀକାନ୍ତର ଉପସ୍ଥିତି ହେତୁ ଆଶା ବାଟ କାଟି ରୀତା ପାଖକୁ ଚାଲିଯିବାକୁ ବାଧ୍ୟହେଲା । ଶ୍ରୀକାନ୍ତ ସୁମନ୍ତର କାନପାଖରେ କହିଲା, ଆଶା ବଢ଼ିଆ ଝିଅଟିଏ ସୁମନ୍ତବାବୁ । ଇଚ୍ଛାକର ଅଯାଚିତ

Digitized by PPRACHIN, SOA

ଭାବରେ ଅପରିଚିତ ତରୁଣ ସଙ୍ଗରେ ମିଳାମିଶା କରେ । କିନ୍ତୁ ଅତି ନିକଟ ସମ୍ପର୍କରେ ଆସିବା ପୂର୍ବରୁ କରିଛଡ଼ା ଦିଏ । ଗୋଟିଏ ରଙ୍ଗୀନ ଆଶା ତାର ଯେ, ସେ ଚିର-କୁମାରୀ ରହି ଜୀବନକୁ ଉପ-ଭୋଗ କରିବ । କିନ୍ତୁ କୁମାରୀ ଜୀବନର ଉପଭୋଗ କଣ ତାହା ବିଶ୍ୱ ଅଭିଧାନରେ ଖୋଜି ମୁଁ ପାଇ ନାହିଁ । ତରୁଣୀ ମାନେହିଁ ଚାହାନ୍ତି ବିବାହ କରି ଆନନ୍ଦରେ କାଳାତିପାତ କରିବେ ! ଆଶା ତାହା ଚାହେଁ-ନାହିଁ । ମୋ ମତରେ ଆଶା ତରୁଣୀ ସଂସାରର ଗୋଟିଏ ବ୍ୟତିକ୍ରମ ! ଆପଣଙ୍କ ମତ କଣ ?

ସୁମନ୍ତ ଦୀର୍ଘ ନିଃଶ୍ୱାସ ତ୍ୟାଗକରି କହିଲା- ଠିକ୍ କହୁଛୁ ଶ୍ରୀକାନ୍ତ ।

ସୁମନ୍ତର ହସନ୍ତ ମୁହଁରୁ ସରସତା ଟିକିକ କିଏ ଜୋର କରି ଛଡ଼ାଇ ନେଇଥିଲା ।

ଗୀତା ଶାଶୁ ଘରକୁ ବିଦାୟ ନେବା ପୂର୍ବରୁ ସୁମନ୍ତ ଓ ଆଶା ବିଦାୟ ନେଇ ଫେରି ଆସିଲେ । ଆଶା ଆସିଲାବେଳେ ଅନେକ ଦୁର୍ଭାବନା ସଙ୍ଗରେ ନେଇ ଆସିଥିଲା । ସେ ଚାହିଁଥିଲା ସରଳ ସୁମନ୍ତ ସାଥିରେ ସ୍ୱାଧୀନ ବିହାର କରିବ, ଗତାନୁଗତିକ ଶୃଙ୍ଖଳତା ତ୍ୟାଗକରି ନୀଳ ଆକାଶର ବିମୁକ୍ତ ବିହଙ୍ଗ ସାଜିବ । ପ୍ରଜାପତିଆ ମନକୁ ଫିକା ଗାଢ଼ା ରଙ୍ଗ ଦେଇ ନୀଳ ଆକାଶର ତରଙ୍ଗ ଭେଦ କରିବ । ସୁମନ୍ତର କୁମାର ମନ ତାର ପାଦତଳେ ପ୍ରଣୟର ଅର୍ଘ୍ୟ ବାଢ଼ିବାବେଳେ ସେ ମନପୂରାଇ ତାକୁ ଗ୍ରହଣ କରିବ । କିନ୍ତୁ ତାହା ହେଲନାହିଁ । ସୁମନ୍ତର ବିବାହ ପ୍ରସ୍ତାବ ସେ ମନ ଓ ଭାବନାକୁ ଅତି ନଗ୍ନ ଭାବରେ ପ୍ରତିହତ କଲା । ଆଶାର ମନ ଭାଙ୍ଗିଗଲା ।

Digitized by PPRACHIN, SOA

ଘର ଭାଙ୍ଗିଲେ ଯୋଡ଼ି ହୁଏ । ହାଡ ଭାଙ୍ଗିଲେ ମିଶିଯାଏ । କିନ୍ତୁ ମନ ଭାଙ୍ଗିଲେ ଆଉ ଯୋଡ଼ି ହୁଏ ନାହିଁ କି ମିଶିଯାଏ ନାହିଁ । ଆଶା ଓ ସୁମନ୍ତ ମୁହଁଉପରେ ବନ୍ଧୁତାର ନକଲି ହସ ବାଣ୍ଟି ପରସ୍ପରକୁ ସମ୍ଭାଷଣ କରୁଥିଲେବି ପେଟ ଭିତରଟା ପୋଡ଼ି ଯାଉଥିଲା, ଜଳି ଯାଉଥିଲା । ଉଭୟେ ଉଭୟଙ୍କ ଆଗରେ ପ୍ରତିପାଦନ କରିବାକୁ ଚାହୁଁଥିଲେ ଯେ ଅପର ଜଣକ ସାହାଯ୍ୟ ନ କଲେବି ସେ ବଞ୍ଚି ପାରିବେ ।

ଦିନ ଅଗେଇ ଚାଲିଲା । ଆଶାର ବୟସ ବି……..

ଆଶାର ବୟସ ବଢ଼ିବା ସଙ୍ଗେସଙ୍ଗେ ତାର ମନର ଉଦ୍ଭଟ ଭାବନା ସବୁ ବିଭିନ୍ନ ପରିସ୍ଥିତିରେ ନୂଆ ନୂଆ ରଙ୍ଗ ନେଲେ । ଯୌବନର ନିର୍ଦ୍ଦିଷ୍ଟ ବିକାର ଅବଦମିତ ହୋଇ ପରିବର୍ତ୍ତିତ ଆକାରରେ ପ୍ରକାଶ ପାଇବାକୁ ଲାଗିଲା । ଦିନେ ଗୋଟିଏ କ୍ଷୁଦ୍ର ସଂସାର ଜାଣିଲା, ଆଶା ମନ ଓ ଶରୀରର ଭାରସାମ୍ୟ ହରାଇ ବସିଛି । ମନକୁ କଠୋର କରି ଶରୀରକୁ ନିଷ୍ଠୁର ଭାବରେ ଆଘାତ କରି ଚାଲିଛି । ତାର ଯୌବନ, ମନ ସଙ୍ଗରେ ସମାନ ତାଳ ଦେଇ ଗତି କରି ପାରିନାହିଁ । କେତେଗୁଡ଼ାଏ ଅପରିଚିତ ଯୁବକର ଅସ୍ଥିର ଆହ୍ୱାନକୁ ସମ୍ମାନ ଦେଖାଇ ନାରୀତ୍ୱର ସମସ୍ତ ନିଷ୍ଠା ଓ ସମ୍ମାନକୁ ପଦଦଳିତ କରିଛି, ଅତି କରୁଣ ଭାବରେ । ଚଲାପଥରେ ତାର ନିର୍ଦ୍ଦିଷ୍ଟ ବନ୍ଧୁ କେହି ନାହାନ୍ତି । ଧୂଳି ଘରର ମଉଜ ପରି ଦୁଇଦିନିଆ ସାନ୍ନିଧ ଲାଭକରି ନିଜର ଚଲାବାଟରେ ସେମାନେ ଅନ୍ତର୍ଧ୍ୟାନ ହୋଇ ଯାଇଛନ୍ତି । ପଡ଼ିରହିଛି ମାନ ସମ୍ମାନ ବିହୀନ ଗୋଟିଏ ଅପରିପକ୍ୱ ମନର ଅଧିକାରିଣୀ କୁମାରୀ ଆଶା ଦେବୀ । ମୁହଁରେ ତାର ସହସ୍ର ଯୁଗର କ୍ଲାନ୍ତି ଓ ପରାଜୟ । ତଥାପି ସେ ଶୃଖିଲ ମୁହଁରେ ହସେ । ସେ ହସରେ ହର୍ଷ ଅପେକ୍ଷା ବିମର୍ଷର ପରିମାଣ ଅତ୍ୟଧିକ ।

ଆଶାର ସାଙ୍ଗସାଥୀ ଗୋଟିଗୋଟି ହୋଇ ବିବାହ କଲେ । ଅସଂଖ୍ୟ ବିବାହ ଭୋଜିରେ ଯୋଗ ଦେଇ ସେ ବୁଝିଲା ଦୁନିଆଁଟା

Digitized by PPRACHIN, SOA

ଖାଲି ଗୋଟିଏ ବିବାହ ସମ୍ବନ୍ଧର ଆୟୋଜନ ଓ ଉତ୍ସବ । ପ୍ରତି ମୁହୂର୍ତ୍ତରେ ଯାହା କିଛି ଘଟି ଯାଉଛି ସେଥିରୁ ଖାଲି ପ୍ରେମ ଓ ପେଟ ପାଇଁ । ସୃଷ୍ଟି ଆଗେଇ ଚାଲିଛି ଓ ବିବାହ ତାଲିକାର କଳେବର ବଢୁଛି । ସନ୍ତାନକୁ ସ୍ତନ୍ୟଦାନ କରୁକରୁ ନାରୀ ଭାବୁଛି ତାର ଜନ୍ମ ସାର୍ଥକ ହେଲା, ଯୌବନ ସଫଳ ହେଲା । ଯୁବକ ମନମୁତାବକ ସାଥୀ ଖୋଜି ବିବାହ ଚୁକ୍ତିରେ ଆବଦ୍ଧ ହୋଇ ଯାଉଛି ।

ବିବାହ ଚୁକ୍ତି ବଡ ସାଂଘାତିକ । ଥରଟିଏ ପାଇଁ ତାର ଭିତରେ ପ୍ରବେଶ କଲେ ଜୀବନ ସାରା ମୁକ୍ତିର ଦ୍ୱାର ବନ୍ଦ ହୋଇ ଯାଏ । ଚୁକ୍ତିରେ ଦ୍ୱିଚୁକ୍ତି ଦେଖା ଦେଲେ କନ୍ଦଳ ବଢେ । ମୁଣ୍ଡ ପୋତି ମାନିନେଲେ ଜୀବନ ଜଞ୍ଜାଳର ଜଟିଳ ପରିସ୍ଥିତି ଭିତରେ ମନ ଛନ୍ଦୁକି ହୋଇ ଯାଏ । ବିକାଶମୁଖୀ ମନ ଆତ୍ମକେନ୍ଦ୍ରିକ ହୋଇ ଉଠେ । ସ୍ୱାର୍ଥ ଓ ଲାଳସାର ବଶବର୍ତ୍ତୀ ହୋଇ ମଣିଷ ଅନେକ ଭୁଲ କରେ । ନାରୀ ପୁରୁଷର ଉତ୍ତେଜନାର ଆଧାର ହୁଏ । ତାର ନିଜତ୍ୱ ହଜିଯାଏ । ସେ ନିଜର ହୋଇ ରହେ ନାହିଁ, ହୁଏ ପୁରୁଷ ହାତର ଖେଳନା ଆଉ ପୁରୁଷର ଭୋଗ୍ୟ ସାମଗ୍ରୀ ।

ଆଶା ବିବାହ ତାଲିକାଟିଏ ଧରି ଚୁକ୍ତି ଓ ମୁକ୍ତିର ସଂଘର୍ଷ ଜନିତ କେତୋଟି ମର୍ମନ୍ତୁଦ ଘଟଣାବଳୀର ପାଣ୍ଡୁଲିପି ପ୍ରସ୍ତୁତ କଲା । ଅବିବାହିତ କୁମାର କୁମାରୀ ମାନଙ୍କ ଆଗରେ ବିବାହୋତ୍ତର ପରିସ୍ଥିତିର ଆଲୋଚନା କରୁକରୁ ମନ୍ତବ୍ୟ ଦେଲା, ବିବାହ ଜୀବନର ଗୋଟିଏ କଳିଷ୍ଟ ବନ୍ଧନ । ଅତଏବ ତାକୁ ଆଡେଇ ଚାଲିଲେ ମୁକ୍ତ ଆତ୍ମାର ସମ୍ୟକ ବିକାଶ ସାଧନ କରାଯାଇ ପାରିବ । ନହେଲେ ପଦେ ପଦେ ବିପଦର ସମ୍ଭାବନା । ଜୀବନଟି ବିପଦ ସଙ୍କୁଳ ହୋଇ ଉଠିବ । ସାବଧାନ ହୁଅ - ହୁସିଆରରେ ଚଳ !

କିଏ ବୁଝିଲେ ତ କିଏ ବୁଝି ସୁଝି ନ ଜାଣିଲି ଭଳି ଅବାକ୍

Digitized by PPRACHIN, SOA

ହୋଇ ଅନେଇ ରହିଲେ । ଦରବୁଝା ମନ ଭିତରେ ଅଣା ଗୋଟିଏ ପ୍ରଶ୍ନବାଚୀ ହୋଇ ଛିଡା ହେଲ ।

"ବିବାହ ନାରୀ ଜୀବନର ସ୍ୱପ୍ନ" ଜଣେ କହିଲ ।

"ସୃଷ୍ଟି ନାରୀର କାମ୍ୟ" ଆଉଜଣେ ଉତ୍ତର ଦେଲ ।

"କିନ୍ତୁ ଜଞ୍ଜାଳ ଓ ପୀଡନ ?" ଅଣା ପଚାରିଲ ।

"ଜଞ୍ଜାଳ ଓ ପୀଡନହିଁ ନାରୀ ଜୀବନର ପରୀକ୍ଷା । କୃତକାର୍ଯ୍ୟ ହେଲେ ସେ ଦେବୀର ସମ୍ମାନ ପାଏ - ନହେଲେ ଅଧୋଗାମୀ ହୋଇ ସଂସାର ସୁଖରୁ ବଂଚିତା ହୁଏ - ଅନେକ ନାରୀ ମନ୍ତବ୍ୟ ପ୍ରଧାନ କଲେ ।

ତଥାପି ଅଣା ସନ୍ତୁଷ୍ଟ ହେଲ ନାହିଁ । କିନ୍ତୁ ଅଣାର ଉତ୍ତରରେ ଅନେକ ଅସନ୍ତୁଷ୍ଟ ହେଲେ । ସେମାନେ ସମସ୍ତେ ବିବାହ କଲେ । ସେମାନଙ୍କ ମତରେ ଜୀବନରେ ପ୍ରେମହିଁ ପରମ ସତ୍ୟ ଏବଂ ବୈବାହିକ ସମ୍ବନ୍ଧ ଦେଇ ଯେଉଁ ପ୍ରେମ ଗତି କରେ ତାହା ସୃଜନ-ମୁଖୀ ହୋଇଥିବାରୁ ଶାଶ୍ୱତ ଓ ଚିରନ୍ତନ । ସେହି ପ୍ରେମ ଉପରେ ନିର୍ଭର ଆଉ ବିଶ୍ୱାସ କରିହୁଏ । ସାମାଜିକ ମାନବ ତାକୁ ଅନୁମୋଦନ କରିଥିବାରୁ ସମାଜର ନୀତିଗତ ଶୃଙ୍ଖଳା ରହିବହିଁ ରହିବ । ଏହି ଶୃଙ୍ଖଳା ଭିତରେ ଅସାମାଜିକ ବିଶୃଙ୍ଖଳା ନାହିଁ । ତାହା ସକାଳର କିରଣଭଳି ଶୁଭ୍ର ଓ ସୁରମ୍ୟ । ଦେବତାବି' ଲୋଭକରେ ସେ ପ୍ରେମକୁ ।

ମୁଗ୍ଧା ଅଣା ଭଳି ଅପ୍ସରୀ ନ ହେଲେ ବି ସୁନ୍ଦରୀ । ଅଣା ଆଖିରେ ସଂସାର ବାହାର ନିଶା - କିନ୍ତୁ ମୁଗ୍ଧା ଏଇ ମାଟି ଧୂଳିର

Digitized by PPRACHIN, SOA

କାମନା ନେଇ ନିଜ ମନକୁ ନିଜେ ଗଢି ଶିଖିଛନ୍ତି । ତରୁଣୀ ସୁଲଭ ଲଜ୍ଜ୍ୟାରେ ସେ ଭାଙ୍ଗି ପଡେ । ଆଖିରେ ଏତେ ଲାଜ ଯେ ଅପରିଚିତ ତରୁଣକୁ ଅନାଇ ଦେଲେ ନଇଁ ଯାଏ । ଭୋଗ ବିଳାସର ତଟ ସ୍ପର୍ଶ କରିନି ସେ । ଜୀବନ ତା'ଆଗରେ ସ୍ୱପ୍ନ ନୁହେଁ - ବରଂ ବାସ୍ତବତା ।

ତାର ସାବନା ଦେହ, ସୁଗୋଲ ବାହୁ, କୋମଳ ଶରୀରରେ ସ୍ୱାଭାବିକ ଜ୍ୟୋତିର ସ୍ୱାକ୍ଷର ରହିଛି ।

ମୁଗ୍ଧା, ରୂପ ଗରବିଣୀ ଅଣା ଭଳି ପ୍ରଗଲ୍ଭା ନୁହେଁ । ଅଣାର ରୂପାଲୋକରେ ଅନେକ ପ୍ରେମିକ - ପତଙ୍ଗର ଲୁଚକାଳି ଖେଳ ଚାଲେ, କିନ୍ତୁ ମୁଗ୍ଧାର ରୂପରେ ଦେବୀର ଆଲୋକ ଦେଖି ପତଙ୍ଗର ପର ଝଡ଼ିଯାଇ ହୁଏ । ଅଣା ଯୌବନର ରକ୍ତିମାକୁ ଆହୁରି ଆରକ୍ତ କରିବା ସକାଶେ ପ୍ରସାଧନର ସାହାଯ୍ୟ ନିଏ, କିନ୍ତୁ ମୁଗ୍ଧା ଯୌବନର ସ୍ୱାଭାବିକସୁଲଭ ରକ୍ତିମାରେ ସବୁଦିନ ସମୁଜ୍ଜ୍ୱଳ । ଅଣା ରହସ୍ୟର ସ୍ତୁପ - କିନ୍ତୁ ମୁଗ୍ଧା ଫୁଟନ୍ତା ଫୁଲ ଭଳି ମୁକ୍ତ ଓ ବାସ୍ତବ । ଅଣାର ମନ ଭିତରେ ଅନେକ ଆଶଙ୍କା, ଅନେକ ଦ୍ୱନ୍ଦ । କିନ୍ତୁ ମୁଗ୍ଧା ନିଃଶଙ୍କ ଓ ନିର୍ଦ୍ୱନ୍ଦ । ଜଣେ ଆକାଶ - ଆଉ ଜଣେ ପାତାଳ ।

ଅଣା ଓ ସୁମନ୍ତର ସମ୍ବନ୍ଧ ଅତି କ୍ଷୀଣ ଆହୁରି ଅସ୍ପଷ୍ଟ ହୋଇ ଆସିଲା ବେଳେ ମୁଗ୍ଧା ଓ ସୁମନ୍ତ ମଧ୍ୟରେ ବନ୍ଧୁତା ଦୃଢ ଓ ଗଭୀର ହୋଇ ଆସୁଥିଲା । ଦୁହେଁ ଦୁହଙ୍କୁ ବୁଝିବାକୁ ଚେଷ୍ଟା କରୁଥିଲେ ।

ଅଣାର ଯେଉଁ ରଙ୍ଗ ଯେଉଁ ଢଙ୍ଗ ଦେଖି ସୁମନ୍ତ ଦିନେ ଆକୃଷ୍ଟ ହୋଇଥିଲା ଏବେ ବୁଝିଲା ସେ ରଙ୍ଗ, ସେ ଢଙ୍ଗ ସବୁ କୃତ୍ରିମ । ତହିଁରେ ପ୍ରାଣ ନାହିଁ କି ପ୍ରାଣର ଫୁଆର ନାହିଁ ମୁଗ୍ଧା ପତଙ୍ଗର ମରଣ ଶଯ୍ୟା । ଅଣ! ରଙ୍ଗୀନ ନିଶାର ପୂରିଲା ପାତ୍ରଟିଏ । ତାକୁ ପିଇଲେ ତୃଷା ବଢେ - ଆଖିରେ ତୃଷ୍ଣା ଜାଗେ । କିନ୍ତୁ ମୁଗ୍ଧା ସ୍ନିଗ୍ଧ ଶୀତଳ ଜଳ ପାନ । ତୃଷାର୍ତ୍ତର ଓଠରେ ବାଜିଲେ ଶାନ୍ତି ଆସେ - କ୍ଳାନ୍ତ ମରିଯାଏ ।

Digitized by PPRACHIN, SOA

କୌଣସି ରୂପସୀ ତରୁଣୀର ପ୍ରେମରେ ପଡ଼ିଥିଲେ ପୁରୁଷକୁ ତାର ସମସ୍ତ ଅବଗୁଣବି' ଗୁଣମୟ ଜଣାଯାଏ । ସୁମନ୍ତର ମନ ଉପରେ ଅଶାର ରୂପ ତରଙ୍ଗତୃଷ୍ଣା ବସ୍ଥାଇ ଦେଇଥିଲା । ଆଶା ପାଖରୁ ଦୂରେଇ ଯାଇ ସୁମନ୍ତ ଯେତେବେଳେ ପରୀକ୍ଷକର ଆଖି ନେଇ ଦେଖିଲା ସେତେବେଳେ ଆଶାର ପ୍ରକୃତ ସ୍ୱରୂପ ଜଣା ପଡ଼ିଲା ! ଆଶା ନାରୀର ସ୍ୱାଭାବିକ ଧର୍ମଠାରୁ ଦୂରେଇ ଯାଇଛି । ଅନ୍ଧକାର ଭବିଷ୍ୟତର ନିରାକାର ସ୍ୱପ୍ନର ଅଡୁଆ ଖିଅକୁ ସାଜିବାକୁ ଲାଗିଛି । ତାର ଖିଆଲୀ ମନରେ ଏମିତି ଗୋଟିଏ ଭବିଷ୍ୟତ ନାଚୁଛି ଯେଉଁଠି କ୍ରୀଡ଼ା ଅଛି, କୌତୁକ ଅଛି ଆଉ ଅଛି ଆମୋଦର କୁହୁ କୁହୁ ସ୍ୱପ୍ନ । ଶରୀରର ଅମାପ ବାସନା ଲାଳସାକୁ ଚରିତାର୍ଥ କରିବାକୁ ଅନେକ ଆଲୋକ, ଅନେକ ବିଳାସ । କିନ୍ତୁ ତହିଁରେ ଗତାନୁଗତିକ କ୍ରନ୍ଦନ ନାହିଁ କି କୋଳାହଳ ନାହିଁ ।

ସୁମନ୍ତ କିନ୍ତୁ ଠିକ୍ ବୁଝିଥିଲା ଜୀବନ ଗୋଲାପ ପାଖୁଡ଼ାର ନରମ ଶେଯ ନୁହେଁ—ତହିଁରେ କୁସୁମର ସୁବାସ ସଙ୍ଗେସଙ୍ଗେ କଣ୍ଟାର ବିଦଗ୍ଧ ସ୍ପର୍ଶ ରହିଛି । ଜୀବନ ସୁଖ ଓ ଦୁଃଖ, ଆନନ୍ଦ ଓ ଅବସାଦର ଗୋଟିଏ ମିଶ୍ରିତ କଳସୀ । ମଣିଷ ବଞ୍ଚିଥିବା ଯାଏ ହସେ ଓ କାନ୍ଦେ, ହାରେ ଓ ଜିତେ । ବୟସ ବେଳେ ଯେତିକି ସ୍ୱପ୍ନ ଦେଖେ ବାର୍ଦ୍ଧକ୍ୟ ବେଳେ ସେତିକି ସତର୍କ ରହେ । ଯେଉଁ ନାରୀର ଅନ୍ତର ଭିତରେ ସ୍ନେହ ନାହିଁ କି ସହାନୁଭୂତି ନାହିଁ ସେ ନାରୀ ନୁହେଁ ପଥରର ପ୍ରତିମା । ତାକୁ ଜୀବନରେ ଉପଭୋଗ କରିହୁଏ, ଉପଯୋଗ ନୁହେଁ ।

ମୁଗ୍ଧା କହେ ପ୍ରେମ ନିର୍ଜୀବ ରୂପର ରଙ୍ଗୀନ ପରଦା ନୁହେଁ । ସ୍ନୋ, ପାଉଡ଼ର, ଶାଢ଼ୀ କିମ୍ବା ସୁବାସିତ ତୈଳ ଉପରେ ଭିତ୍ତି ଦେଇ ଯେଉଁ ପ୍ରେମ ଗଢିଉଠେ ତାହା ସଂପୂର୍ଣ୍ଣ କାଳ୍ପନିକ । ପ୍ରେମର ବିକାଶ ହୁଏ ହୃଦୟରେ । ଶରୀରର ପତନ ହୁଏ, କିନ୍ତୁ ପ୍ରେମ ଅମର

Digitized by PPRACHIN, SOA

ରହେ । ପ୍ରେମ କେବେହେଲେ ପରାଜିତ ହୁଏନା - ପରାଜିତ ହୁଏ ମନର ସୌଖୀନ ବିଳାସ । ସମ୍ଭୋଗ - କାତର ମନ ଖାଲି ଅଥୟ ହୋଇ କ୍ରନ୍ଦନ କରେ ।

ମୁଗ୍ଧା ନିଜର ଗୁଣର ପ୍ରଭାବରେ ସୁମନ୍ତକୁ ଆକୃଷ୍ଟ କଲା । ଆଖିରୁ ତାର ମାୟାର ଅଞ୍ଜନ ମରି ଯାଇଥାଏ । ବୟସ ବଢିବା ସଙ୍ଗେ ଚିନ୍ତାଶୀଳ ଦୃଷ୍ଟି ଅଧିକ ପ୍ରଶସ୍ତ, ଅଧିକ ବ୍ୟାପକ ହୋଇ ଉଠିଥାଏ । ସେଇଠି ଖିଆଲି ମନର ବିକ୍ଷିପ୍ତ ଭାବନା ନାହିଁ - ଅଛି ଦୁନିଆଁକୁ ବୁଝିବାର ପ୍ରବଳ ଚେଷ୍ଟା, ପ୍ରଖର ସାଧନା ।

ବାଘୁଣୀ ହାତରୁ ଶିକାର ଛଡ଼େଇ ନେବା ସହଜ ନୁହେଁ ଆଶା ମୁଗ୍ଧା ସଙ୍ଗରେ ପ୍ରତିଯୋଗିତା ଆରମ୍ଭ କରିଦେଲା । ସେ ନିଷ୍ଠୁର ହୋଇ ମୁଗ୍ଧା ଓ ସୁମନ୍ତର ଅନେକ ଦୁର୍ନାମ କଲା । ରୀତା ଓ ସିପ୍ରା ପାଖକୁ ବି ବାରମ୍ବାର ସେ କଥା ଲେଖିଲା । ଗୀତା ଉତ୍ତର ଦେଲା—ତୁ କଣ ସୁମନ୍ତର ପ୍ରେମ-ଫାଶରେ ପଡ଼ିଗଲୁ କିଲୋ ? ନହେଲେ ସୁମନ୍ତ କଣ କଲା କି ନକଲା ତାର ଖବର ନିଅନ୍ତୁ କିଆଁ ? ଆଉ କାହା କଥାରେ ତୋର ତ ମୁଣ୍ଡ ବଥାଏ ନାହିଁ ? ଏବେ କଣ ପ୍ରେମ ଜ୍ୱର ହେଲାକି ? ସିପ୍ରା ସେମିତି ଅତଶୀଘ୍ର ଉତ୍ତର ଦେଲା । କିନ୍ତୁ ତାର ଉତ୍ତର ଟିକିଏ ଭିନ୍ନ । ଲେଖିଥିଲା ମୁଗ୍ଧା ଓ ସୁମନ୍ତକୁ ପ୍ରେମଭୂତ ଲାଗିଛିଲୋ ! ସେ ଭୂତ ଛଡାଇବା ବଡ କଷ୍ଟ । ଦୂରରୁ ଥାଇ ଅନିସା କଲେ ଅନେକ ମଜା ! ଉନ୍ମତ୍ତ ତରୁଣ ତରୁଣୀ ରଙ୍ଗୀନ ନିଶାରେ ପାଗଳ ହୋଇ ଦୁନିଆଁକୁ ଭୁଲିଯାନ୍ତି । କିନ୍ତୁ ଦିନ କେଇଟି ପରେ ସେ ନିଶା ଆପେଆପେ ଫିକା ପଡେ । ଦେହ କ୍ଳାନ୍ତ ଓ ମନ ଓଜନିଆ ଜଣା ପଡ଼େ । ଜୀବନର ସମସ୍ତ ବିକାଶ, ସମସ୍ତ ସ୍ୱପ୍ନ ସମାଧି ନିଏ ସେଇଠି । ତୁ ତୁନି ରହି ଟିକିଏ ଅପେକ୍ଷା କରନା, ଦେଖିବୁ ମୁଗ୍ଧା ଓ ସୁମନ୍ତର ପ୍ରେମିକ ଜୀବନ କି କଳବଳ, କି ହନ୍ତସନ୍ତ !

Digitized by PPRACHIN, SOA

ଦିନେ ସମସ୍ତଙ୍କୁ ବିସ୍ମୟ କରି ମୁଗ୍ଧା ଓ ସୁମନ୍ତ ବିବାହ ଦିନ ନିର୍ଦ୍ଦିଷ୍ଟ କଲେ । ନିମନ୍ତ୍ରଣ ପତ୍ର ପାଇ ଆଶା ଓ ସିପ୍ରା ଚକିତ ହେଲେ । କିନ୍ତୁ ବିବାହିତା ରୀତା ମୋଟେ ହେଲେ ଆଶ୍ଚର୍ଯ୍ୟ ହେଲ ନାହିଁ । ସେ ଠିକ୍ ରୂପେ ଜାଣିଥିଲା ସୁମନ୍ତ ଦିନେ ବିବାହ ହେବ ଓ ମୁଗ୍ଧାଙ୍କ' ଅବିବାହିତା ରହିବ ନାହିଁ । ମନର ଖିଆଲ ନେଇ ଆଧୁନିକ ଯୁବକ ଯୁବତୀ କେତେଦିନ ଏପାଖ ସେପାଖ ହୁଅନ୍ତି । ପୁଣି ଭୁଲା ମନ ବୁଲିଯାଏ । ସେ ସଂସାରମୁଖୀ ହୁଏ । ଶିକ୍ଷିତା ସ୍ତ୍ରୀ ପୁରୁଷ ସିନା ବିବାହକୁ ଗୋଟିଏ ସମସ୍ୟା ବୋଲି ଭାବି ବସନ୍ତି - କିନ୍ତୁ ଅଜଣା ପଲ୍ଲୀର ଅଶିକ୍ଷିତ ତରୁଣ ତରୁଣୀ ସେ ସମ୍ବନ୍ଧରେ ଏତେଟିକେ ହେଲେ ଭାବନ୍ତି ନାହିଁ । ଜୀବନର ସାଥୀ ନିଶ୍ଚୟ କରିବାକୁ ସେମାନେ ସେତେ ଗୁରୁତ୍ୱ ଦିଅନ୍ତି ନାହିଁ, ଜୀବନକୁ ମିଳିମିଶି ଆଗେଇ ନେବାକୁ ସେତିକି ନଜର ତାଙ୍କର । ବିବାହିତ' ହେବହିଁ ହେବ - ସେଇଥି ପାଇଁ ଏତେ ଘୁରିଫେରି କାହିଁକି ? ଗୀତା ମତରେ, ନାରୀର ସର୍ବ-ଶ୍ରେଷ୍ଠ ପ୍ରାପ୍ତି ମାତୃତ୍ୱ । ନାରୀ ଜୀବନ ବଡ ଦୁର୍ବଳ - ସେଇଥି ପାଇଁ ସେ ଜଣଙ୍କର ଆଶ୍ରା ନିଏ । ତାପରେ ସଂସାର ବନ୍ଧନରେ ବାନ୍ଧି ହୋଇ ପଡେ । ତାର ସରଳ, ସହିଷ୍ଣୁ ଗୁଣରେ ପୁରୁଷର ସହସ୍ର ଦୋଷକୁ କ୍ଷମା ଦିଏ । ଯେଉଁ ସ୍ତ୍ରୀ ଆପଣା ପୁରୁଷକୁ ନିଜର କରିପାରେ ନାହିଁ ସେ ସ୍ତ୍ରୀ ନୁହେଁ - ଅଉ କିଛି ।

ନାରୀର ଧୈର୍ଯ୍ୟ, ତ୍ୟାଗ, ସେବା ଓ ପ୍ରେମ ଦେଖି ପୁରୁଷ ତାକୁ ଶ୍ରଦ୍ଧା କରେ, ଭକ୍ତିକରେ ଓ ଦେବୀ ବୋଲି ସମ୍ବୋଧନ କରେ ।

Digitized by PPRACHIN, SOA

ନାରୀ ସଙ୍ଗୀତର ଉତ୍ସ, ସୃଜନର ଭଣ୍ଡାର । ତାର ଅସଲ ଜୀବନ ଦେହକୁଞ୍ଜ ଘର ଯେଉଁଠି ସ୍ଫୂର୍ତ୍ତି, ସ୍ମିତ, ଆନନ୍ଦ ଓ ଅହ୍ଲାଦର ନୃତ୍ୟ ନବୀନ ରସ ଲଗିଥାଏ । ସ୍ୱର୍ଗ ଓ ମର୍ତ୍ତ୍ୟର ତଫାତ୍ ଜଣା ପଡ଼େନାହିଁ ।

କିନ୍ତୁ ଆଶା ! ତାର୍ ଆଖିରେ ଦେଖାଗଲା ଭଗ୍ନ ହୃଦୟର କରୁଣ ଅଶ୍ରୁ । ସେ ଅଶ୍ରୁରେ ଅନେକ ବ୍ୟଥା, ଅନେକ କ୍ରନ୍ଦନ । ସେ ଏକ ବିରହୀ ପକ୍ଷୀପରି ନିଃସଙ୍ଗ ନୀଡ଼ରେ ବସି ନିଜର ନିର୍ଜ୍ଜନତାକୁ ଗଭୀର ଭାବେ ନିରୀକ୍ଷଣ କରିବାକୁ ଲାଗିଲା । ସେଇଠି ନଥିଲା ଯୌବନର ଉଲ୍ଲାସ କି ଜୀଇଁବାର ଆଗ୍ରହ । ଜୀବନ ଥିଲା ନିଃସଙ୍ଗ, ନିର୍ଜ୍ଜନ । ଏତେଦିନ ଧରି ସୁମନ୍ତକୁ ହେୟ ଆଖିରେ ଅନାଇ ଆସିଥିଲା । ଆଜି ସେ ଆଖିରେ ସୁମନ୍ତର ମୂଲ୍ୟ ଅନେକ ବଢ଼ି ଯାଇଛି । ତାର ଯଦି ଶକ୍ତି ଥାଆନ୍ତା ତେବେ ସେ ମୁଗ୍ଧାକୁ କ୍ଷତବିକ୍ଷତ କରି ସୁମନ୍ତକୁ ନିଜ ଛାତିକୁ ଆଉଜାଇ ଆଣନ୍ତା । ଚୁପ୍ ଚୁପ୍ କହନ୍ତା - ମୋର ଭୁଲ ହେଲା ସୁମନ୍ତ ! ମୁଁ ପତ୍ନୀ ରୂପରେ ବାନ୍ଧବୀ ହେବାକୁ ଚାହେଁ । କିନ୍ତୁ ତାର ମନେ ହେଲା ସେ ଯେମିତି ଗୋଟିଏ ପକ୍ଷକଟା ପକ୍ଷୀ ! ଉଦ୍ଭ୍ରାନ୍ତ ମନରେ ତାର ଅନେକ କ୍ଲାନ୍ତି, ଅନେକ ଭ୍ରାନ୍ତି । ସେ ଆଉ ଆଗେଇ ପାରିବ ନାହିଁ । ସେ ସାହସ ଆଉ ତାର ନାହିଁ ।

ତରୁଣୀ ରୂପସୀ ହେଲେ ଗର୍ବରେ ବେଲୁନ୍ ଭଳି ଫୁଲି ଯାଏ । ତରୁଣ ପାଖେଇ ଆସିଲେ ତାକୁ ଫୁଟବଲ୍ ଭଳି ଫିଙ୍ଗି, ଦୂରରୁ ଥାଇ ମଜା ଦେଖେ । ସେ ଭାବେ, ରୂପ ଥିଲେ ଅନେକ ତରୁଣ ଆସିବେ । ଦେହ ଲାବଣ୍ୟର ସୁଗନ୍ଧ ବାଢି ଜନ୍ମାନ୍ତ୍ ପୃଥିବୀକୁ ଉନ୍ମାଦ କରିବ । ପୁରୁଷର ମନ ଓ ହୃଦୟରେ ଆଘାତ ଦେଇ ଆନନ୍ଦ ଆହରଣ କରିବ । କିନ୍ତୁ ବାରମ୍ବାର ଆଘାତ ପାଇ ଯଦି ତରୁଣ ଆଉ ଫେରି ଆସେନା ? ଘରେ ସମ୍ପଦ ଅଛି କିନ୍ତୁ ଉପଭୋଗ କରିବାକୁ ସନ୍ତାନ ନାହିଁ, ଦେହରେ ସୌନ୍ଦର୍ଯ୍ୟ ଅଛି ଅଥଚ ପ୍ରଶଂସା କରିବାକୁ ସାଥୀ

Digitized by PPRACHIN, SOA

ନାହିଁ । ଅଶା ଠିକ୍ ଏହିଭଳି ମାନସିକ ଅବସ୍ଥାରେ ମ୍ରିୟମାଣ ହୋଇ ପଡ଼ୁଥିଲା ।

ତଥାପି ସିପ୍ରା ଓ ଅଶା ମୁଗ୍ଧାର ବାହାଘରକୁ ଆସି ଯୋଗଦାନ କଲେ । କାଖରେ ପିଲା ନେଇ ରୀତାବି ଆସିଥିଲା । ସୁମନ୍ତ ଓ ମୁଗ୍ଧା ଆନନ୍ଦ ହେଲେ ।

ଅଶା ନିଜର ବିକ୍ଷତ ମନକୁ ଲୁଚାଇବାକୁ ବହୁମୂଲ୍ୟ ବନାରସୀ ଶାଢ଼ୀ ଓ ଫୁଲପକା ଶିଲ୍କ ବ୍ଲାଉଜ୍ ଲଗାଇ ଥିଲା । ବେକରେ ଖଣ୍ଡେ ଦାମୀ ନେକ୍‌ଲେସ ଓ କାନରେ ଆଧୁନିକ ଡିଜାଇନର ମଣି ଲଗା ଦୁଲ୍ ଲଗାଇ ଥାଏ । କପାଳର କୁଙ୍କୁମ ଓ ଆଖି ପତାର ସରୁ କଜଳ ଗାର ଅତ୍ୟନ୍ତ ଲୋଭନୀୟ ଦେଖା ଯାଉଥାଏ । କାହା ପାଇଁ ଏ ବେଶ ? ଅଶା କାହାକୁ ମୋହିତ କରିବାକୁ ଚାହେଁ ? ସେ ମୁଗ୍ଧା ସଙ୍ଗରେ କରମର୍ଦ୍ଦନ କରି ସୁମନ୍ତକୁ ନମସ୍କାର କଲା । ନମସ୍କାର କଲାବେଳେ ଡାହାଣ ହାତର ନୀଳ ପଥର ବସା ଦାମିକା ମୁଦି ସବୁ ଝଟକି ଯାଉଥାଏ । ଏ ସବୁ ସତ୍ତ୍ୱେବି ଅଶା ଭାବନା ଭିତରେ ଭାବ-କ୍ରାନ୍ତ ଦେଖା ଯାଉଥିଲା ।

ସିପ୍ରା, ଅଶାର ଅନିନ୍ଦ୍ୟ ରୂପସମ୍ଭାର ଦେଖି ମନେମନେ ହସିଲା । ପ୍ରକାଶ୍ୟରେ ପଚାରି ଦେଲା, ନିକଟ ଭବିଷ୍ୟତରେ ତୋର ବାହାଘର ହେଉନି ଅଶା ? ଅଶା ମନଧରା ହସ ହସିଲା । ସେ ହସରେ କ୍ରନ୍ଦନର ସୁସ୍ପଷ୍ଟ ସ୍ୱାକ୍ଷର ଥିଲା । ନିର୍ଜୀବ କଣ୍ଠରେ କହିଲା, ଭଗବାନଙ୍କର ବରାଦ ଥିଲେ ହେବ ! ଅଶା ଜୀବନରେ ପ୍ରଥମଥର ପାଇଁ ଭଗବାନଙ୍କର ନାମ ନେଲା ।

ହବାହଡ କରିବାର ଥିଲା ସୁମନ୍ତକୁ ଛାଡ଼ିଦେଲୁ କାହିଁକି ? ସିପ୍ରା ପଚାରିଲା ।

ସୁମନ୍ତ ମୋର ବନ୍ଧୁ ବୋଲି । ଅଉ ବିବାହ 'ବନ୍ଧନ' ବନ୍ଧୁ ଭିତରେ ଚଳେନା ।

Digitized by PPRACHIN, SOA

ଆଉ କଣ ଶଜ୍ଟିଏ ଯୋଗାଡ଼ କରୁଛୁ ? ଯାହା ସାଥିରେ ଧନ୍ବନ୍ତ ବସି ଭଜନ କରିବୁ ?

ବିବାହ ସେଇଥି ନୁହେଁ ଆଉ କଣ ? ତାପରେ ସୁମନ୍ତ ପାଖରେ ଆମୋଦର ବ୍ୟବସ୍ଥା କରିବାକୁ ଧନ କାହିଁ ? ବିବାହିତ ବିଳାସର । ତା'ପାଇଁ ପ୍ରଚୁର ଧନ ଦରକାର । ଆଶାର ଉତ୍ତରରେ ବ୍ୟଙ୍ଗ ଥିଲା ।

ଖାଲି ଧନ ନୁହେଁଲେ ଆଶା ! ମନ ବି । ଧନକୁ କିଏ କଣ ବିବାହ କରେ ? ବିବାହ କରିବୁ ଯଦି ବାଛି ବାଛି ସୁମନ୍ତ ଭଳି ମଣିଷ-ଟିଏ ଦେଖି ବିବାହ କର । ଜୀବନ ସାର୍ଥକ ହେବ - ଯୌବନ ସଫଳ ହେବ ! ସୀତା ଅକସ୍ମାତ୍ ପହୁଞ୍ଚିଯାଇ ଉତ୍ତର ଦେଲା ।

ନବବଧୂ ସୀତାର ଦେହ ଏବେ ଶ୍ରାବଣ ନଈ ଭଳି ଉଚ୍ଛୁଳି ଉଠୁଛି । ଦେହର କାନ୍ତି ଦଗ ଚହଟାଇ ଦେଉଛି । ଆଖିରେ ତାର ପୂର୍ଣ୍ଣତାର ହସ । ଗାଲଫୋଲ, ନିଖୁଣ ମୁହଁ । ଦେହସାରା ଯୌବନ ଖୁନ୍ଦି ହୋଇଛି ଯେମିତି । ଆଖିରେ କଜ୍ଜଳ, କପାଳେ କୁଙ୍କୁମ ଓ ସୀମନ୍ତରେ ସିନ୍ଦୁରର ସ୍ପର୍ଶ ଅତ୍ୟନ୍ତ ଲୋଭନୀୟ ଦେଖା ଯାଉଛି । ମାତୃତ୍ୱର ପୂର୍ଣ୍ଣତାରେ ସୀତା ଦେବୀଟିଏ ଭଳି ସୁନ୍ଦର ଦିଶୁଛି ।

ସୀତାର ଜୀବନ-ଯୌବନ ସାର୍ଥକ ହୋଇଛି ବୋଧହୁଏ ! କାହିଁରେ ଊଣା ନାହିଁ କି ଅଭାବ ନାହିଁ । ସିପ୍ରା ମନ୍ତବ୍ୟ ଦେଲା ।

ଅଭାବ ମଣିଷର ସାଥିଲୋ ସିପ୍ରା ! ସିଏ ମଣିଷର ଛାଇ । ବଞ୍ଚିଥିଲା ଯାଏ ଲାଗିରହିଛି । ଏହି ଅଭାବ ଭିତରେ ମୁଁ ଯାହା ପାଇଛି ତୁମେ ପାଇନାହଁ । ଖାଲିଆରେ ହାତ ବଢାଉଛ । ଈଶ୍ୱର କରନ୍ତୁ ଶୀଘ୍ର ତୁମେ ପ୍ରାପ୍ତିର ସନ୍ଧାନ ପାଅ । ସୁଗୃହିଣୀ ହୁଅ ।

ସୀତାର ସବଳ ସୁସ୍ଥ ସନ୍ତାନକୁ ସଭିଏ ଟିକିଏ ଟିକିଏ ଟେକି ନେଇ ଗେଲ କଲେ । ଅଉଠା ଦୁଧ ଭଳି ନରମିଆ ଦେହ । କଳା

Digitized by PPRACHIN, SOA

ମଚମଚ ବାଳ, ଅଙ୍କିଲବଙ୍କା ଭ୍ରୂଲତା । ତାର ଛଳଛଳିଆ ଆଖିରେ ଅନେକ ଆନନ୍ଦ, ଅନେକ ଉଲ୍ଲାସ । ଆଶାର ହୃତ ଉପରେ ଲଖି ରହି ସେ ତାର ଓଠ ଓ ଗାଲକୁ ଆଉଁସିବାରେ ଲାଗିଲା । ତାର ସରଳିଆ ଭାବ ସମସ୍ତଙ୍କୁ ଆନନ୍ଦ ଦେଲା । ଆଶା ଇଚ୍ଛା କରୁଥିଲା ଏହି ସରଳ ସୁନ୍ଦର ଦେବଶିଶୁକୁ ଅନେକ ସମୟ ଧରି ହୃତ ଭିତରେ ଗୁପି ରଖି ଅସଂଖ୍ୟ ଚୋକ ଦିଅନ୍ତା । କିନ୍ତୁ ସଂକୋଚରେ ସେତକ କରିପାରିଲା ନାହିଁ ।

ତୋର ଏ ସୃଷ୍ଟିଟିତ ଅତି ଚମତ୍କାର ହୋଇଛି ରୀତା ! ଆଉ ଏହାର ସୃଷ୍ଟିକର୍ତ୍ତା ? ସିପ୍ରା ପଚାରିଲା ।

କୌଣସି ନାରୀ ନିଜ ସ୍ୱାମୀର ଯେତେ ଅବଗୁଣ ଥିଲେବି ପର ସ୍ତ୍ରୀ ଆଗରେ ପ୍ରଶଂସା ବାଢେ । ରୀତା ହସିହସି ଉତ୍ତର ଦେଲା, ଚହ୍ନିନୁ ? ସନ୍ତାନଠୁ ବଳି ଅହୁରି ସୁନ୍ଦର, ଅହୁରି ଶ୍ରୀମନ୍ତ ସିଏ ।

ସେମାନେ ହସଖୁସିରେ ଅନେକ କଥା ହେଲେ । ବେଳକେମିତି ଗଡ଼ିଗଲା ଜଣାପଡ଼ିଲା ନାହିଁ । ଅତୀତ ସମସ୍ତଙ୍କୁ ବୁଡ଼ାଇ ରଖିଥିଲା ।

ସୁମନ୍ତ ଓ ମୁଗ୍ଧାର ଶବାଦ୍ଧ ସଙ୍ଗେ ରୀତାର ସନ୍ତାନକୁ ଦେଖି ଆଶାର ଅନେକ କଥା ମନେ ପଡ଼ିଲା । ଅତୀତର ସ୍ନେହ ମଧୁର ଦିନ ଗୁଡ଼ିକ ଆଖି ଆଗରେ ଆପେ ଆପେ ଝଲସି ଉଠିଲେ । ଦଶ ବର୍ଷ ହେଲାଯାଏ ବାପ ମା ଙ୍କର ଅନେକ ଆଦର, ଅନେକ ସ୍ନେହ ପାଇ ଆସିଥିଲା । ସନ୍ତାନ ସନ୍ତତି ନଥିବାରୁ ପୁଅ ଓ ଝିଅ ଉଭୟଙ୍କର ପ୍ରତିନିଧି ହୋଇ ବସିଥାଏ । ଧନୀ ପିତାର ସନ୍ତାନ ହେତୁ ସାଇ ପଡ଼ିଶା ସମସ୍ତଙ୍କର ସ୍ନେହ ଓ ସହାନୁଭୂତିର ପାତ୍ରୀ ଥିଲା । ଦିନ ବିତିଗଲା । ଘରେ ଦାସ ଦାସୀଙ୍କ ସମାଗମ ହେତୁ ମାତୃ ବିୟୋଗ ସେତେ ଜଣା ପଡ଼ିଲା ନାହିଁ । ଆଶାକୁ ସୁଖୀ ରଖିବାକୁ ଦିଗମ୍ବର ବାବୁ ପୁନର୍ବିବାହ କଲେ ନାହିଁ । ଆଶା ବୟସରେ ବଢିବାକୁ ବସିଲେହେଁ ମନରୁ ତାର ପିଲାଳିଆ ଖିଆଲ ଛାଡ଼ିଲା ନାହିଁ । ସେ ମାଆର ଅଙ୍କଠାରୁ କହିଁତା

Digitized by PPRACHIN, SOA

ହୋଇ, ପିତାର୍ ଅତ୍ୟଧିକ ଆଦରରେ ଅପ୍ଲୁତ ରହି ଓ ଧନର ପ୍ରାଚୁର୍ଯ୍ୟରେ ଲିପ୍ତ ଥାଇ ଉଦ୍ଧତ ହେଲା । ବିଳାସର ସ୍ୱାଧୀନ ତରଙ୍ଗରେ ସନ୍ତରଣ କରି ବାରବୁଲା ବାହୁରୀ ପାଲଟି ଗଲା । ନା ବାଧା ଅଛି କି ବନ୍ଧନ ଅଛି । ସେ ଭାବୁଥିଲା ଜୀବନଟି ବୋଧହୁଏ ଏଇଆ । କଲେଜ ଜୀବନର ମନଇଚ୍ଛା ମଉଜ ତାର ଦୁର୍ଭାବନାରେ ଖୋରାକ ଯୋଗାଇଲା । କଲେଜର ତଥାକଥିତ ଶିକ୍ଷିତା ତରୁଣୀ ସହଜରେ ସ୍ୱଚ୍ଛନ୍ଦ ବିହାରର ପକ୍ଷପାତୀ । ଭଲ ବନ୍ଧୁଠାରୁ ଭଲ ଗୁଣ ଶିଖିବା ପରିବର୍ତ୍ତେ କୁମାର୍ଗରେ ପଡ଼ି ଓ କୁଶିକ୍ଷାରେ ଅନୁପ୍ରାଣିତ ହୋଇ ଯେତେକଯାକ ଦୁର୍ନୀତି ହାସଲ କରିବାରେ ଲାଗି ପଡ଼ିଲା ।

କୌଣସି ବିଷୟ ନବୁଝି ନ ସୁଝି ଅନୁକରଣ କରିବା ଅଜ୍ଞତାର ପରିଚାୟକ । ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିରେ ଅନୁପ୍ରାଣିତ ହୋଇ ଭୁଲିଗଲା ଯେ, ସେ ଧର୍ମାନୁଗତ ଭାରତର ଆଦର୍ଶ କନ୍ୟା । ଏ ଦେଶର ନାରୀ, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ଦେବୀ ! ସମ୍ଭୋଗ ଓ ବିଳାସ ଠାରୁ ସହିଷ୍ଣୁତା ଓ ସେବାକୁ ସେ ଅଧିକ ପସନ୍ଦ କରେ । କିନ୍ତୁ ଆଶା ବିଶୃଙ୍ଖଳ ଭୋଗ ବିଳାସରେ ମତ୍ତ ରହି ମହତ୍ତ୍ୱ ଓ ଲଜ୍ଜାକୁ ତଥାକଥିତ ପ୍ରଗତି ଯଜ୍ଞରେ ଆହୂତ ଦେଲା । ନିଜ ଦେହର ନଗ୍ନ ସୌନ୍ଦର୍ଯ୍ୟକୁ ପରିବେଷଣ କରି ତରୁଣମାନଙ୍କ ଠାରୁ କାମନା ପୂର୍ତ୍ତି ବାହାବା ନେବା ହେଲା ତାର ପରମ ଲକ୍ଷ୍ୟ । ସେ ନିଜର ବେଶ ଓ କେଶ ବିନ୍ୟାସରେ ଅଧିକ ସମୟ ନଷ୍ଟ କଲା । ଦିଗମ୍ବର ବାବୁ ଅଳ-ଅଳ ଝିଅର ଦୁରବସ୍ଥା ଦେଖି ଦୁଃଖିତ ହେଲେ । କିନ୍ତୁ ପୁଣି ଭାବିଲେ ଭାର ପଡ଼ିଲେ ଝିଅ ବାଟକୁ ଆସିବ । କିନ୍ତୁ ସେ ସୁଦିନ ଦେଖିବାର ସୌଭାଗ୍ୟ ତାଙ୍କ ଭାଗ୍ୟରେ ଆଉ ଘଟିଲା ନାହିଁ ।

ଦିନେ ଏକ ଅଶୁଭ ମୁହୂର୍ତ୍ତରେ ଦିଗମ୍ବରବାବୁ ରକ୍ତଚାପ ରୋଗଗ୍ରସ୍ତ ହୋଇ ଆଶାକୁ ଏକୁଟିଆ କରି ଚାଲିଗଲେ । ଶେଷବେଳେ

Digitized by PPRACHIN, SOA

ଆଖିରୁ ତାଙ୍କର ଧାରଧାର ହୋଇ ଲୁହ ବୋହୁଥାଏ । ଆଶା ଅନିଦ୍ରା ରହି ହରମ୍ବର ବାବୁଙ୍କ ମୁଣ୍ଡପାଖରେ ବସି ଆଖିରୁ ସେହି ଅମାନିଆ ଲୁହ ଧାର ସବୁ ନିଜର ପଣତ କାନିରେ ପୋଛି ଦେଉଥାଏ । ଶେଷ ବେଳକୁ ଦୁର୍ବଳ ପାଟିରୁ ଅନେକ ସବଳ କଥା ବାହାରିଲା । ଆଶାର ମନେ ହେଉଥିଲା ବାପା ସୁସ୍ଥହୋଇ ଆସୁଛନ୍ତି । କିନ୍ତୁ ନିର୍ବାଣ-ମୁଖୀ ଦୀପର ଶେଷ ଆଲୁଅ ସିଏ । କହିଲେ, ମାଟିଲା ଆଶା ! ଏ ଜୀବନରେ ଅନେକ ଭୋଗ କଲି । ବୁଝିଲି, ଦୁଃଖ ଓ ସୁଖର ମିଶା-ମିଶି ଏ ସଂସାର । ଜୀବନଧାରା ପିଣ୍ଡ ସବୁ ସହେ । କିନ୍ତୁ ଜୀବନରେ ମୋର ତୋର ମାଆକୁ ହରାଇ ଥିବା ବ୍ୟତୀତ ସୁଖର ଭାଗ ଅନେକ । ଶେଷ ଆଶା ଥିଲି ତୋତେ ବଧୂ ରୂପରେ ଦେଖି ପ୍ରାଣତ୍ୟାଗ କରିବି । କିନ୍ତୁ ତାହା ହେଲାନାହିଁ । ସଂସାରରେ ଅନେକ ରାସ୍ତା ମାଆ ! ମନକୁ ସଞ୍ଜିତ ନକଲେ ବାଟ ଧରା ଦିଏନା । ଯେଉଁ ଜୀବନର ଲକ୍ଷ୍ୟ ନାହିଁ କି ନିଷ୍ଠା ନାହିଁ ସେ ପ୍ରକୃତ ପଥରୁ ବିଚ୍ୟୁତ ହୁଏ । ବଢ଼ିଲା ଝିଅ ତୁ ! ଦେଖି ଚାହିଁ ବାଟ ଚାଲିବୁ । ଶେଷକୁ ସେ ଶୁଭାକାଂକ୍ଷୀ ବନ୍ଧୁ ସନ୍ତୋଷବାବୁଙ୍କୁ ଡ଼ାକାଇ ତାଙ୍କର ହାତରେ ନିଜର ଅଲିଅଳି ଝିଅକୁ ସଁପି ଦେଇ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ଆଶା ଅନେକ କାନ୍ଦିଲା - ଅନେକ ଦୁଃଖ କଲା । ଏବେ ତାର ବେପରୁଆ ଜୀବନର ପ୍ରଥମ ଅଧ୍ୟାୟ ସରିଗଲା ।

ଅତୀତ ସ୍ମୃତିର ଗୁହଦ୍ୱାରେ ପୃଥିବୀଭଳି ବୁଲିବାକୁ ଭଲଲାଗେ । ଉତ୍ତଲା ମନରେ ବାଉଳା ଖାଏ ଅତୀତର ଉତ୍ତେଜନାମୟ ଅନୁଭୂତି, ସ୍ନିଗ୍ଧ ମଧୁର ଭାବଧାରା ଓ କାନ୍ତ କୋମଳ କଥାଭାଷା । ଅତୀତ ପାଖରୁ ଦୂରେଇ ଯାଉଥିଲେ ପାଖେଇ ଆସନ୍ତି ଅତି ଆପଣାର ଲୋକବାକ । ସେମାନେ ସହଜେ ଭୁଲି ହୁଅନ୍ତିନି — ବରଂ ବର୍ତ୍ତମାନର ପ୍ରେରଣା ହୋଇ ଛିଡ଼ା ହୁଅନ୍ତି । ଆଡେଇ ଦେଇ ହଟେଇ ହେଲେ ସପନ ହୋଇ ଦେଖା ଦିଅନ୍ତି ।

Digitized by PPRACHIN, SOA

ଆଶାର ଅଂଗରେ କି ପଙ୍କରେ ଛୁଆ ହେବାକୁ ଆଉ କେହି ନାହିଁ । ଆଖି ଆଗରେ ଗଦାଏ ବାଟ । ତାର ଆରମ୍ଭ ଯେମିତି ନାହିଁ ଶେଷବି' ସେମିତି ନାହିଁ । ଅଙ୍କେଇ ବଙ୍କେଇ ଅଜଣା ସନ୍ଧି ଭିତରେ ମିଶିଯାଇଛି । ଆଶା ଏକୁଟିଆ ଚାଲିବାକୁ ଆଉ ସାହସ କଲା ନାହିଁ । ସେ ଦୁନିଆଁକୁ ଡରିବାକୁ ଲାଗିଲା - ନିଜ ମନକୁ ନିଜେ ଡରିଲା । ତାର ମନେ ହେଲା ଜୀବନ ଗୋଟିଏ କଙ୍କାଳର ସ୍ତୂପ । ମରିଗଲେ ଯାଇ ତହିଁରୁ ନିସ୍ତାର । ମଣିଷ ଏ କଙ୍କାଳ ପାଶୋରି ପକାଇବାକୁ ସାଥୀ ଖୋଜେ, ମନ ଖୋଲି ଭଲମନ୍ଦ କହି ବସେ ।

ଆଶା ନିଜ ଦେହକୁ ମୁହଁକୁ ଚାହିଁ ଅସ୍ଥିର ହେଲା । ଯୌବନ ଆସି କେତେ ଶୀଘ୍ର ଚାଲିଯିବା ଉପରେ । ଏବେ ସେହି ଚଞ୍ଚଳ ମନ ନାହିଁକି, ସେ ମନର ଝଲକ ମଧ୍ୟ ନାହିଁ । ଅନେକଦିନ ବ୍ୟବହାର ନହୋଇ ଅଯତ୍ନରେ ପଡ଼ି ରହିଲେ ଲୁହାରେ କଳଙ୍କି ଲାଗେ, ସୁନା ମହଲ ହୁଏ, ରୁପା କଳା ପଡ଼ିଆସେ । ଆଉ ଯୌବନତ ସହଜେ ରକ୍ତ ମାଂସର ଖେଳ, ଗୋଟିଏ ରାତିର ମହୋତ୍ସବ !! ବୟସ ଥିବା ଯାଏ ଟିକିଏ ଚପଳତା - ଟିକିଏ ଅସ୍ଥିରତା । ତାପରେ ସବୁ ଫାଙ୍କା । ସବୁ ଶୂନ୍ୟ । ମନେହୁଏ ଜୀବନଟି ଅକାରଣ ହୋଇଛି । ଉତ୍ତଳା ମନର ମୋହ ଭାଙ୍ଗେ । ସୁନେଲି ସ୍ୱପ୍ନର ଶେଷ ହୁଏ ।

ଏଇ ଆଶା ଚାଲିଯାଉଥିଲା ବେଳେ ପାଦତଳେ ପଦ୍ମଫୁଲ ଫୁଟୁଥିଲା । ଯିଏ ଦେଖୁଥିଲା ଅନାଇ ରହୁଥିଲା । ସେ ଆଖିରେ ଥିଲା ରଙ୍ଗୀନ ସ୍ୱପ୍ନର ନିଶା ! କିନ୍ତୁ ଏବେ ସେ ଗୃହିଣୀର ଦୃଷ୍ଟିକୋଣ

Digitized by PPRACHIN, SOA

ବଦଳି ଯାଇଛି । ଦେଖିଲା ଲୋକର ଆଖି ଯେମିତି କହୁଛି, ଆହା ! ଜୀବନ ଯୌବନକୁ ପାଦ ତଳେ ଚକଟି ଦେଲା ସିନା ! କି ଲାଭ ପାଇଲା ଆଶା ? ବୟସର - ବାସନା ତାର ଗୁଣ୍ଠ ତଳେ ଆର୍ତ୍ତନାଦ କରୁଥିଲା । ସେ ବହୁତ ଡେ଼ରିରେ ବୁଝିଲା ସତେ ଯେମିତି ଗୋଟିଏ ବିରାଟ ଭୁଲ କରିଛି । ତାର ଅନେକ ଦିନରୁ ସାଥୀଟିଏ ଖୋଜିବା ଉଚିତ ଥିଲା । ଏବେ ସାଥୀ କାହିଁ ? କିଏ ଅଛି ପଛକୁ ??

ଅବିବାହିତା ତରୁଣୀ ଗୃକିଗଲା ବେଳେ ଅନେକ ସାଥୀ ଜୁଟନ୍ତି । ସେମାନେ ସବୁ ଘଣ୍ଟାକିଆ ମଉଜର ସାଥୀ । ମନର ଭୋଗ ଲାଳସାକୁ ଉତ୍ତେଜିତ କରି ଫାଇଦା ଉଠାଇବା ତାଙ୍କର ଲକ୍ଷ୍ୟ । ସେମାନେ ଯେଉଁ ପ୍ରେମର ନାଁ ନିଅନ୍ତି ତହିଁରେ ଖାଲି କାମନା ଓ ବାସନାର ଲେଲିହାନ ଶିଖା । ତହିଁରେ ପବିତ୍ର ଆତ୍ମାର ସ୍ୱାକ୍ଷର ନାହିଁ କି ପବିତ୍ରକାରୀ ପ୍ରେମର ସୁନ୍ଦର ସ୍ପର୍ଶ ନାହିଁ । ତାର ସଂସ୍ପର୍ଶରେ ଆସିଲେ ମନ ତେଜି ଯାଏ, ଅହଂଭାବ ବଢ଼ିଯାଏ । ସେ ଏଭଳି ପ୍ରେମର ସମ୍ପର୍କରେ ଆସିନାହିଁ ଯାହା ମନକୁ ପବିତ୍ର କରେ, ପ୍ରାଣକୁ ନିଷ୍କଳଙ୍କ ରଖେ । ସୁମନ୍ତ ଆଜି ଅହେତୁକ ଭାବରେ ମନେ ପଡ଼ିଲା । ସେ ଦିନେ ହସହସ ମନରେ ବିବାହ ପ୍ରସ୍ତାବ ବାଢ଼ୁଥିଲା । ଆଶା ଫେରାଇ ଦେଲା ଦିନୁ ଆଉ ପାଖ ପଶେ ନାହିଁ । ରାସ୍ତାରେ ଅକସ୍ମାତ ଦେଖା ହେଲେ ଆଡେଇ ହୋଇ ଦୂରେଇ ଯାଏ । ମୁହଁରେ ତାର ଲାଜମିଶା ଅରୁଣିମା ଲହଡ଼ା ଭାଙ୍ଗୁଥାଏ । ସତେ ଯେମିତି ତାର ସଙ୍ଗେ ସୁମନ୍ତର ପୂର୍ବରୁ ପରିଚୟ ନଥିଲା । ଏବେ ମଧ୍ୟ ନାହିଁ ।

ଶ୍ରୀକାନ୍ତ ସେମିତି ରାସ୍ତାରେ ଦେଖା ହେଲେ ମୁରୁକି ମୁରୁକି ହସେ । ହସରେ ଥାଏ ଉପହାସର ଅବର୍ଣ୍ଣ୍ୟ ଭାଷା । ଚିହ୍ନା ବନ୍ଧୁକୁ ଡାକି କୁମାରୀ ଆଶାକୁ ଚିହ୍ନେଇ ଦିଏ । ଆଶା ଖାଲି ଲଜ୍ଜା, ଉପହାସ ଓ ବଦନାମର ଗଣ୍ଠିଲି ଧରି ଯାତାୟାତ କରେ । ତାର ଅପବାଦ ଶୁଣି

Digitized by PPRACHIN, SOA

ସଙ୍କୋଚରେ ଭାଙ୍ଗି ପଡୁଥାଏ । ଦୁନିଆଁ ତା ପାଇଁ ନିଶୁନ ଶ୍ମଶାନ । ଅନେକ ତରୁଣ ତରୁଣୀଙ୍କ ଚିହ୍ନା ମୁହଁ ଆଉ ଦେଖିବାକୁ ମିଳେ ନାହିଁ । ସେମାନେ ହୁଏତ ଏବେ ଘର ସଂସାର କରି ସୁଖରେ ଥିବେ ।

ଦେହରେ ମଳୟ ବାଜିଲେ ମନ ବଉଳି ଉଠେ । ନିଃସଙ୍ଗ ଯୌବନ ସାଥୀ ଖୋଜେ । କଳ୍ପନାରେ ପର ଲଗେ । ପ୍ରଜାପତିର ରଙ୍ଗବେରଙ୍ଗ ପକ୍ଷ ନେଇ ଆକାଶର ଅନନ୍ତ ନୀଳିମା ଭିତରେ ଚକର ଛାଟେ । ବୟସ ବଢ଼ିଗଲେ ମନ ଥମି ଯାଏ । ଯୌବନର ରଙ୍ଗ ମଉଳି ଆସେ । କଳ୍ପନାରେ କଳଙ୍କି ଲଗେ । ଆହତ ଆତ୍ମା ତହଲି ବିକଳ ହେବାହିଁ ସାର ହୁଏ । ମଣିଷ ଖୋଜି ବୁଲେ ବିଗତ ଅତୀତର ଜୁଆରିଆ ଜୀବନ ଯୌବନ । କିନ୍ତୁ ସେ ଆଉ ନଥାଏ କି ଫେରି ଆସେନା' ।

ଆଶା ଏତେ ବାଟ ବୁଲି, ଗୁଡ଼ିଏ ଛୁଠର ପାଣି ଗୃହି ଶେଷରେ ଭୁଲି ରାସ୍ତା ଫେରି ପାଇଲା । ଜୀବନର ଏକମାତ୍ର ରାସ୍ତା ସିଏ । ମଣିଷ ଜନ୍ମ ହେବା ସଙ୍ଗେସଙ୍ଗେ ଜଞ୍ଜାଳକୁ ନେଇ ଆସିଥାଏ । ଏହି ଜଞ୍ଜାଳ ଭିତରେ ଟିକିଏ ଶାନ୍ତି, ଟିକିଏ ସୁଖ ପାଇବାକୁ ସଂଗ୍ରାମ କରେ । ଇପ୍‌ସିତ ବସ୍ତୁ ଲାଭ ପରେ କେବେ କେବେ ମନ ପୁରିଇ ହସେ । ଜୀବନକୁ ଖୋଲା ଭାବରେ ଉପଭୋଗ କରିବାକୁ ଚଉଦିଗର ଦୁଃଖ, ଜଞ୍ଜାଳକୁ କ୍ଷଣକ ପାଇଁ ଭୁଲିଯାଏ । କିଏ ଯେ ଦୁନିଆରେ ଜନ୍ମହୋଇ ଚଲାବାଟରେ ବଣା ହୁଏନା ଏମିତି ଲୋକ ନାହିଁ । ମନ ଥିଲେ କ୍ଲାନ୍ତି ଅଛି, ପରାଜୟ ଅଛି - କିନ୍ତୁ ପରାଜୟ ପରେ ପରେ ଆନନ୍ଦ ଅଛି, ପ୍ରାପ୍ତି ବି ରହିଛି । ସଂକ୍ଷିପ୍ତ ଜୀବନ ଖେଳ ଭିତରେ ଯିଏ ଏ ସବୁ ଆଡେଇ ଦେଇ ଆତ୍ମଗୋପନ କରେ ସିଏ ସବୁଠୁ ବଳି ନିର୍ବୋଧ । ଜୀବନର ନିର୍ଦ୍ଦେଶ ହେଉଛି ଯାହା ମିଳୁଛି ମୁକ୍ତସ୍ରୋତ ଗ୍ରହଣ କରିଯାଅ । ସୁଖ ଓ ଦୁଃଖ ଉଭୟକୁ ଉପଭୋଗ କର । ଏହାଦ୍ୱାରା ଜୀବନର

Digitized by PPRACHIN, SOA

ଅନୁଭୂତ ବଢିବ, ପ୍ରଜ୍ଞା ବଢିବ ।

ଆଶା ଭାବିଥିଲା ଯୌବନ ଗୋଟିଏ ରଙ୍ଗୀନ ଫୁଲ । ତାର ରଙ୍ଗୀନ ପାଖୁଡା, ନରମ ପରାଗ କେବେ ମଉଳିବାର ନୁହେଁ । ରଙ୍ଗେଇ ପାରିଲେ ଝଟକୁ ଥାଏ । ଲୋକଲୋଚନକୁ ଆକୃଷ୍ଟ କରେ । ଏହାର କ୍ଷୟ ନାହିଁ କି ସମାପ୍ତି ନାହିଁ । କିନ୍ତୁ ବୟସ ଗଡିଯିବା ପରେ ଯେତେବେଳେ ଦେହର ରଙ୍ଗ ମଉଳି ଆସିଲା, ମନର ଢଙ୍ଗ ବଦଳି ଗଲା । ଆଶା ସଂସାରର ପ୍ରକୃତ ସ୍ୱରୂପ ଦେଖିବାକୁ ଚେଷ୍ଟା କଲା ।

ବିବାହିତ ତରୁଣ ତରୁଣୀ ମନ ଫୁର୍ତ୍ତିରେ ଗ୍ରହଣ କଲା ବେଳେ ସେ ଝରକା ଉହାଡରୁ ଲୁଚିଛପି ଚାହେଁ । ସେମାନଙ୍କ ହସ, ସେମାନଙ୍କ ଆନନ୍ଦକୁ ଲୁଚିଲୁଚି ଉପଭୋଗ କରେ । ସାମନା ସାମନି ଦେଖିବାର ସାହସ ନାହିଁ । ମନେପଡେ ସେବ' ଦିନେ ବିବାହ କରି ସୁଖୀହୋଇ ପାରିଥାନ୍ତା । ସ୍ୱାମୀର ଜୀବନ ପାତ୍ରରେ ପ୍ରଣୟ ରସ ଭରିଦେଇ ନିଜେ ତୃପ୍ତ ହୋଇଥାନ୍ତା - ସନ୍ତାନର ମାତା ହୋଇ ସୃଷ୍ଟିରେ ନିଜର ସନ୍ତତିକୁ ବଞ୍ଚାଇ ରଖି ପାରିଥାନ୍ତା । ସ୍ନେହ ଦେଇ, ସୋହାଗ ଦେଇ ତାର ଛୋଟିଆ ସଂସାରକୁ ଶ୍ରୀଯୁକ୍ତ କରି ପାରିଥାନ୍ତା ।

ରୀତା ଏବେ ଦ୍ୱିତୀୟ ସନ୍ତାନର ମାତା ହୋଇଛି । ଶରୀର ଉତ୍ତର ସଙ୍ଗେସଙ୍ଗେ ଦେଇ ନ ପାରି ଦୁଃଖିତ ହୋଇ ଲେଖେ, ଏ 'ଝୁନୁ' ଆଉ 'ମୁନୁ' କଣ ରଖାଇ ବସି ଦେଉଛନ୍ତି କାଲୋ ! ଘର ଗୋଟାକର ଖବର ବୁଝି ବୁଝି ସମୟ ହେଉନାହିଁ । ମଣିଷ ଅଣ-ନିଃଶ୍ୱାସୀ ହୋଇ ମରୁଛି । ସିଏତ ହେଲେ ବାହାରର ମଣିଷ । ଘର କଥା ବୁଝିବାକୁ ଏକା ମୁଁ । ମୋ ବଣଟି ! ଭୁଲ ବୁଝିବୁ ନାହିଁ । କ୍ଷମା ଦେବୁ ।

ଶ୍ରୀମତୀ ମୁଗ୍‌ଧା ଏବେ ସ୍ୱାମୀ ସୁମନ୍ତ ଭଳି ବାଠକାଠି ଗ୍ରହଲେ । ମନେ ହୁଏ ତାର ଆଚରଣରେ ମୁଗ୍‌ଧା ସନ୍ତୁଷ୍ଟା ନୁହେଁ । ଆଖିରେ ତାର ଘୃଣା

Digitized by PPRACHIN, SOA

ଓ ତାଚ୍ଛଲ୍ୟର ବାଡ଼ି ! ସତେ ଯେମିତି ସେ କିଛି ଗୋଟିଏ ଅସାମାଜିକ କର୍ମକଳାପରେ ଲିପ୍ତ ଅଛି । ବିବାହ ନହୋଇ କୁମାରୀ ରହିବା ସତରେ କଣ ଅସାମାଜିକ ? ଗତାନୁଗତିକ ବନ୍ଧନରୁ ଟିକିଏ ଦୂରେଇ ରହିବାକୁ ମନ କରିବା କଣ ପାପ ??

ପୁଣ୍ୟର କଣ କିଛି ସ୍ଥିରୀକୃତ ସଂଜ୍ଞା ଅଛି ? ଯାହାକୁ ବିବେକ ନିର୍ଦ୍ଦେଶରେ ଗ୍ରହଣ କରେ ତାହା କଣ ପୁଣ୍ୟ ନୁହେଁ ?

ସମାଜ ଆଖିରେ ମୁଗ୍‌ଧା ସତୀ, ସାଧ୍ୱୀ - ଦେବୀ ପ୍ରତିମା ! ଆଉ ସିଏ ? ସତେ ଯେମିତି ସମାଜ ଅଙ୍ଗରେ ଗୋଟିଏ ଅସାଧ୍ୟ ବ୍ରଣ ! ତାକୁ ଦେଖିଲେ ସଧବା ଓଢଣା ଭିଡି ଦେଉଛନ୍ତି, ଛୁଇଁ ବାଜିବ ବୋଲି ପାଖେଇ ଯାଉଛନ୍ତି - ସମାଜ ଆଖିରେ ସେ ଦୋଷୀ, କଳଙ୍କିନୀ !

କିନ୍ତୁ ଦେହରେ ଚହଲ ରୂପ ଥିଲାବେଳେ ଏଇ ସମାଜ କେତେ ଆଦର କରୁଥିଲା, ସ୍ନେହ କରି ପାଖରେ ବସାଉଥିଲା । ଆଖିରେ ଥିଲା ଆଗ୍ରହ ଓ ସୁହାଗର ଆମନ୍ତ୍ରଣ । ଆଶା ! ଆହୁରି ଟିକିଏ ପାଖେଇ ଆସ ! ତୁମର ଏହି ସ୍ୱର୍ଣ୍ଣ ଯୌବନ ଲଡାକୁ-ଲଡାଇ ଦିଅ !

ଆଜି ସେ ଆଶା ଆଉ ନାହିଁ । ଝାଉଁଳି ଗଲା ।

ସେ ଆଶା ନାହିଁ ସତରେ ? ଆଶା ତଟସ୍ଥ ହେଲା ।

ସେ କଣ ଝାଉଁଳିଛି ? ସେ କଣ ଝାଉଁଳିବ ??

ସିପ୍ରା ବରାବର ଚିଠି ଲେଖେ । ତାର ପ୍ରତ୍ୟେକ ପଦରେ ଏଣିକି ଅବସାଦର ଛାପ୍ ସୁସ୍ପଷ୍ଟ । କହେ, ଏ ଜଞ୍ଜାଳିଆ ଗୃହସ୍ଥ ଜୀବନରେ ହେଲେ କଣ ସୁଖ ଅଛନ୍ତିକଲେ ? ମରଦ ଆଖିର ଡିମାଡିମା ଦୋଳାରେ ଅନେକ ତୃଷ୍ଣା, ଅନେକ କାମନା ! ନାରୀକୁ କଣ ଏକୁଟିଆ କୁଆଡେ ଠେଲି ଦେଉଛନ୍ତି ? ଆପଣା ମଣିଷଟିଏ ଭଳି ଦେଖାଇ ହେବାକୁ ପାଖେଇ ଆସୁଛନ୍ତି । ଆଶ୍ୱାସନା ଦେଇ ପାଖରେ ବସାଇଲେ ଅଯଥା ଦାବୀ, ଅକାରଣ ଯୁକ୍ତି । ଫେରାଇ ଦେଲେ ତୁଚ୍ଛ-

Digitized by PPRACHIN, SOA

ଝାରେ ଫଁ ଫଁ । କେମିତି କଣ କରିବ ଲୋ ? ସ୍ତ୍ରୀ ସିନା ଧନ ବଳରେ ସମସ୍ତଙ୍କୁ ଚପେଇ ମାଡ଼ି ମକଚି ଚାଲି ଯାଉଛୁ ! ମୁଁ ବିବାଦ ନକରି ବଡ ଦ୍ୱନ୍ଦ୍ୱରେ ପଡ଼ିଲି । କିନ୍ତୁ ସିପ୍ରା ଭୁଲିଯାଏ ଯେ ଧନ ବଳ ତରୁଣୀ ମନକୁ ବାନ୍ଧିରଖି ପାରେନାହିଁ । ତାରୁଣ୍ୟ, ନିଃସଙ୍ଗ ଜୀବନରେ ବିଦ୍ରୋହ କରେ । ଚଲାପଥର କଣ୍ଟା ହୁଏ ସେ । ସମସ୍ତ ଭୋଗ ବିଳାସ ଓ ପ୍ରାଚୁର୍ଯ୍ୟ ବିଷ ଭଳି ଲାଗେ । ସେ ଚାହେଁ ଜୀବନ ସାଥୀଟିଏ । ଜୀବନ ଯୌବନକୁ ଉପଭୋଗ କରିବାକୁ ମନର ମଣିଷଟିଏ ! ବିପଦବେଳେ ଯେ ଉପରେ ପଡ଼ି ସାହାଯ୍ୟ କରିବ । ସୁଦୀର୍ଘ ଚଲାପଥର ସାଥୀ - ପଥୁକୀ ହେବ । ସମଗ୍ର ସୁଖ ଦୁଃଖକୁ ସମାନ ଭାବରେ ଗ୍ରହଣ କରିବାକୁ ସମ୍ମତ ହେବ ।

କୁଆଁରୀ କନ୍ୟା ଫୁଲ ହେଲେ ବିବାହିତା ତରୁଣୀ ଫୁଲଗଛ । ଫୁଲ ଯେତେବେଳେ କଳିକା ଭିତରୁ ପ୍ରଥମେ ଜନ୍ମ ନିଏ ପହିଲି ସକାଳ ଦେଖି, ପହିଲି କିରଣ ମାଖି ଉନ୍ମାଦ ହୁଏ । ତାର ଦେହରୁ ରଙ୍ଗୀନ ପାଖୁଡ଼ା ପର ମେଲିଲା ବେଳେ ମନ ଭିତରେ ଉଦ୍ଭଟ କଳ୍ପନା ବାଉଳା ଖାଏ । ପାଖୁଡ଼ା ତଳର ପରାଗ ପ୍ରଣୟ କାତର ହୁଏ । ଅସଂଖ୍ୟ ଭ୍ରମର ଧାଡ଼ି ବାନ୍ଧି ଧାରଧାର ହୋଇ ଲମ୍ଫି ଆସନ୍ତି । ଫୁଲର ମଧୁ ଅପହରଣ କରି ସେମାନେ ନିମିଷକ ପାଇଁ ନିଜକୁ ଭୁଲି ଯାଆନ୍ତି । ଫୁଲ ବାସି ହୁଏ । ସୁବାସ ସରିଯାଏ - ଭଅଁର ଭୁଲିଯାଏ । ଅନାଇଁ ଅନାଇଁ ଆଖିରୁ ପାଣି ମଳେଇ ପାଖକୁ ଆସେନା । ସକାଳ ପାହିଲେ ପ୍ରଥମ କିରଣ ସହି ନପାରି ସେ ଝାଉଁଳି ଯାଏ, ଝଡ଼ିଯାଏ । ଜୀବନରେ ଦ୍ୱିତୀୟ ସଞ୍ଜ ଦେଖିବାର ସୌଭାଗ୍ୟ ତାର ଆଉ ନଥାଏ । ମାଟିରେ ମିଶି ମାଟି ହୋଇଯାଏ ସରସ, ସୁନ୍ଦର ଦେହ । କିନ୍ତୁ ଫୁଲ ସଙ୍ଗେ ଫୁଲ ଗଛ ହଜିଯାଏ ନାହିଁ । ପାଣିପବନ ପାଇ ନୂତନ ପତ୍ର ଦେହରୁ ନୂଆ କଳିକା ଜନ୍ମ ନିଏ । ବିବାହିତା ନାରୀ ସାଥୀ ପୁରୁଷ - ମନରେ

Digitized by PPRACHIN, SOA

ସବୁଦିନ ନୂତନ ରଙ୍ଗ, ନୂତନ ପ୍ରେରଣା ବୁଣିଦିଏ । ପୁରୁଷ ବିଭୋଳ ହୁଏ, ବିମୁଗ୍ଧ ହୁଏ ! ପ୍ରେମର ଜୟମାଲ୍ୟ ଓ ତୃପ୍ତିର କବଚ ପିନ୍ଧି ଜୀବନ ସଂଗ୍ରାମରେ ବଳୁଆ ସୈନ୍ୟ ଭଳି ଯୁଦ୍ଧ କରେ । କେବେ ହାରେ ତ କେବେ ଜିଣେ । ସ୍ତ୍ରୀ ବିଜୟ ଖବର ଶୁଣି ଖୁସି ହୁଏ । ସାଥୀ ପୁରୁଷ ହାରି ଗଲେବି' ସେ ବିମୁଖ ହୁଏନାହିଁ । ଶାନ୍ତି ଦେଇ, ସାହସ ଦେଇ ତାର ବିକ୍ଷତ ମନକୁ ସଜାଡ଼ି ନିଏ । ମୃତ୍ୟୁ ଭିତରେ ଜୀବନର ଝଲକ ଦେଖେ । ଜୟ ପରାଜୟ, ସୁଖ ଦୁଃଖର ସଂଗ୍ରାମ ସବୁଦିନ ପାଇଁ ଲାଗିରହେ । ପିତାପରେ ସନ୍ତାନ ହୁଏ ପ୍ରତିନିଧି ।

କିନ୍ତୁ କିଏଁ ଳ ଛନଛନ ଛଇଳୀ ତରୁଣୀର ମନ ? ଯୌବନ ସରିଗଲେ କ୍ଲାନ୍ତ ଆସେ ! ସେ ଆଉ ପାରେ ନାହିଁ । ଧୂଳିରେ ପଡ଼ି ଧୂଳି ହୋଇଯିବା ପୂର୍ବରୁ ସାଥୀ ଖୋଜେ, ଆଶ୍ରୟ ଖୋଜେ । ଅତୀତ ତାକୁ ବ୍ୟଙ୍ଗ କରେ, ବିଦ୍ରୂପ କରେ । ସେ ସବୁକିଛି ଭୁଲି ଯିବାକୁ ଚାହେଁ । ଅଭିଜାତ୍ୟ, ଅଭିମାନ ସବୁ ହାର ମାନେ ସେଇଠି ।

କୁମାରୀ ଆଶା ଆଶ୍ରୟ ଖୋଜୁଥିଲା । ସେ ଗୋଟିଏ ଏମିତି ନିର୍ଭୟ ଆଶ୍ରୟ ହୋଇଥିବ, ଯେଉଁଠାରେ ସନ୍ଦେହ ନଥିବ କି ସଂଶୟ ନଥିବ । ଆତ୍ମ ସମର୍ପଣ ଓ ଆତ୍ମ ନିବେଦନର ସୁଦୃଢ଼ ନ୍ୟାସ ଉପରେ ସୁପ୍ରତିଷ୍ଠିତ ଥିବ । ନିଶ୍ଚିତ ଓ ନିର୍ଭର ଆଶ୍ରୟକୁ ଅବଲମ୍ବନ କରି ସେ ଶାନ୍ତିର ନିଃଶ୍ୱାସ ନେବ । ଦୁନିଆଁକୁ କି ଦୁନିଆଁର ଦାଉକୁ ଡରିବ ନାହିଁ । କଣ୍ଟାଳ ଉପରେ ପାଦ ରଖି ତାକୁ ଜୟ କରିବାକୁ ଜୀବନ ପଣ କରିବ । ନିଜର ସୁଖ ଓ ସଂଭୋଗକୁ ଦୂରେଇ ଦେଇ ତାରି ସୁଖ ଶାନ୍ତିର ପଥ ଖୋଜିବ । ସେହି ଆଶ୍ରୟ ହେବ ତାର ଦେବତା, ତାର ଆରାଧନା । ସିଏ ହେବ ପାଦ ତଳର ନିବେଦିତା ପୂଜାରିଣୀ !

ଆଶାର ଅପଣା ମନରେ ଆଗର ସେହି ବେପରୁଆ ଶକ୍ତି କି ସାହସ ଆଉ ନଥିଲା । ଏତେ ଦିନକେ ସେ ସାହାଯ୍ୟ ଚାହୁଁଥିଲା,

Digitized by PPRACHIN, SOA

ଖାଲିଁ ଖୋଜୁଥିଲା । ନାରୀ ହୋଇ ନାରୀତ୍ୱକୁ ଅବମାନନା କରି ଆସି-ଥିଲା । ସୃଷ୍ଟିର ସ୍ୱଭାବ ସୁଲଭ ଧର୍ମ ଆଗରେ ଛିଡ଼ା ହୋଇ କହୁଥିଲା, ମୁଁ ନାରୀ କିନ୍ତୁ ନାରୀତ୍ୱ ଚାହେଁନା, ମୁଁ ସ୍ତ୍ରୀ କିନ୍ତୁ ମାତୃତ୍ୱକୁ ପସନ୍ଦ କରେନା; ମୁଁ ମାଆ ତଥାପି ବାତ୍ସଲ୍ୟ ସ୍ନେହ ମୋର ଆବଶ୍ୟକ ନାହିଁ । ଏବେ ବୁଝିଲା, ନାରୀତ୍ୱ ତାର କାମ୍ୟ, ମାତୃତ୍ୱ ତାର ସ୍ୱପ୍ନ ଓ ଜାୟା ପଦ ତାର ବଇଜୟନ୍ତର ଟୀକା ! ସୀମନ୍ତରେ ସିନ୍ଦୂର ନଥିଲେ, ହାତରେ ଶଙ୍ଖ ଲଖା ନଥିଲେ ସେ ନାରୀ ହେଲେ ମଧ୍ୟ ସାମାଜିକ ନାରୀର ଅଧିକାରରୁ ବଞ୍ଚିତା ହୁଏ ।

କିନ୍ତୁ ସବୁ ସମୟରେ ମନର ସବୁ ଇଚ୍ଛା ପୂରଣ ହୁଏ ନାହିଁ । ମନ ଯାହା ଚାହେଁ ନ ପାଇଲେ ଭାଙ୍ଗିଯାଏ । କୁମାରୀ ଅଶା ଭାଙ୍ଗି ଯାଉଥିଲା । ଧନ ସମ୍ପତ୍ତିର ପ୍ରାଚୁର୍ଯ୍ୟ ଭିତରେ ରହି ବି' ସେ କାଙ୍ଗାଳ ମନର ଅସହ୍ୟ ଯନ୍ତ୍ରଣା ଉପଲବ୍ଧି କରୁଥିଲା । ବାପା ଆଜି ଆଉ ନାହାନ୍ତି - କିନ୍ତୁ ବାପାଙ୍କ କଥା କାନରେ ବାଜୁଛି । ସେ ସ୍ପଷ୍ଟ ଶୁଣି ପାରୁଛି, "ତୁ ବିବାହ କର ଅଶା ! ବିବାହ କରି ସୁଖୀ ହୁଅ ।" କିନ୍ତୁ କଳଙ୍କି ମନ, ତ୍ରିଗୁଣ ଶନ୍ତାର ଅଧିକାରିଣୀ ଅଶାକୁ ଆଉ କିଏ ବିବାହ କରିବ ? କିଏ ତାର ପାଖକୁ ଆସି ଭରସା ଦେବ, ସାହସ ଦେବ ??

"ମୁଁ ଆସିବି ଅଶା ?" ବିଖ୍ୟାତ ବ୍ୟବସାୟୀ ସନ୍ତୋଷବାବୁ ଆସି କବାଟ ପାଖରେ ଛିଡ଼ା ହୋଇଥିଲେ ।

ସନ୍ତୋଷବାବୁଙ୍କ ବୟସ ଟିକିଏ ଢଳେଇ ଯାଇଛି । ଏତେ ସମ୍ପତ୍ତି, ଏତେ ପ୍ରତିପତ୍ତି ଭିତରେ ଥାଇବି' ପତ୍ନୀ ବିୟୋଗ ଜନିତ ଦାରୁଣ ଦୁଃଖ ଭୋଗ କରୁଛନ୍ତି । ଅଶା ଅଖି ପୁରାଇ ଦେଖିଲା ସୁଗୋଲ ସୁଠାମ ମୁହଁ ଦେହ, ଗୋରା ତକତକ ଚେହେରା । ଲମ୍ବା ଓସାର ଛାତି - ଫୁଟିଲା ଫୁଟିଲା ଆଖି । ସେ ଆଖିରେ ମମତାର ଅଞ୍ଜନ ଲଗିଛି, ଆତ୍ମୀୟତାର ପ୍ରତିଶ୍ରୁତି ରହିଛି । ଏହି ପୁରୁଷଟିହିଁ ଆଜି ତାର

Digitized by PPRACHIN, SOA

ପତନମୁଖୀ ଜୀବନର ଏକାନ୍ତ ଭରସା, ଏକମାତ୍ର ଆଶ୍ରୟ ।

"ଆସିବାକୁ ଅନୁମତି ମାଗୁଛନ୍ତି ? ଇଏ କଣ ଆପଣଙ୍କ ଘର ନୁହଁ ?" ଆଶା ଓଠରେ ଦୁଷ୍ଟାମୀର ହସ ଦୃଶି ହୋଇଥିଲା । ତାର ଅବଶ ମନ ଭିତରୁ ଚପଳ ମନଟିଏ ଜନ୍ମ ନେଉଥିଲା ।

"ଇଏ କଣ ତୁମ ମନ ଭିତରର କଥା ଆଶା ?" ପ୍ରବଳ ପ୍ରତାପୀ ସନ୍ତୋଷବାବୁଙ୍କ ମନ ଦୁର୍ବଳ, ନିଃସହାୟ ଏହି ଲହକା ଝିଅ ଆଶା ଆଗରେ ନଇଁ ପଡୁଥିଲା ।

"କଣ ଅବିଶ୍ୱାସ ହେଉଛି ?" ଆଶା ମୁରୁକି ମୁରୁକି ହସୁଥିଲା ଆଉ ଭାବୁଥିଲା, କେତେ ଡରକୁଳା ଏ ପୁରୁଷ ଜାତି ! ନାରୀ ମୁହଁର ପଦେ ନରମ କଥା ଶୁଣି କେତେ ନଇଁ ଯାଆନ୍ତି ସତରେ ! ଏମାନଙ୍କୁ ସେ କେତେ ଡର ଯାଉଥିଲା !!

"ତୁମକୁ ଅବିଶ୍ୱାସ ଆଉ କଣ ଆଶା ? ତୁମ ବାପା ମୋର ପାଖରେ ଯେତେବେଳେ ତୁମକୁ ଛାଡ଼ିଦେଇ ଗଲେ, ଆଖି ଆଗରେ ରଙ୍ଗୀନ ଆଶାଟିଏ ନଙ୍ଗର ପକାଉ ଥିଲା । କିନ୍ତୁ ତୁମ ମୁହଁରୁ ନିର୍ଭର ପ୍ରତିଶ୍ରୁତି ନ ପାଇ ମନ ମୋର ନଇଁ ଯାଉଥାଏ । କହିବି ବୋଲି ଆସେ - ଅଥଚ କହି ପାରେନା । ମନ ଦୁର୍ବଳ ହୋଇପଡେ, ଆଜି ମୁଁ କେତେ ସୁଖୀ ତମେ ବିଶ୍ୱାସ କରି ପାରିବ ନାହିଁ ଆଶା ! ମୁଁ ତୁମକୁ ଜୀବନରୁ ଅଧିକ ଭଲ ପାଏ ।"

"ସତରେ ? ତେବେ ଏ ଜୀବନରେ ବିଶ୍ୱାସ ଅବିଶ୍ୱାସର ପ୍ରଶ୍ନ କାହିଁ ?" ଆଶା ନିଜ ଇଚ୍ଛାରେ ଯାଇ ସନ୍ତୋଷବାବୁଙ୍କ ହାତଧରି ପାଖରେ ବସାଇଲା । ଦୁଇ ଜଣଙ୍କ ମୁହଁରେ ହସ ଖୁସିର ରଙ୍ଗ ବେରଙ୍ଗ ଅବିର ଲାଗିଥିଲା । ପରମ ତୃପ୍ତି ଓ ପ୍ରାପ୍ତିରେ ଝୁଲକି ଉଠୁଥିଲା ଅଗ୍ରହୀ ମନ । ଆଶାର ଅବଦମିତ ଅଭିଳାଷ ଉପରେ ପୁଣି ଥରେ ତାରୁଣ୍ୟର ଛନ୍ଦ ନିଶା ଝାଉଁଥିଲା ।

Digitized by PPRACHIN, SOA

ଆଉ ଆଶାର ଆଖି ? ତହିଁରେ ତରୁଣୀ ସୁଲଭ ଅନେକ ଲଜ୍ଜା, ଅନେକ ଅବଳତା ।

ଦୁଇଟି ଆଖି ଆଉ ଦୁଇଟି ଆଖି ସଙ୍ଗରେ ମିଶି ଚୁପ୍‌ଚୁପ୍ କଥାଭାଷା ହେଉଥିଲେ ।

ଜଣେ କହୁଥିଲା - ଆଉ ଜଣେ ମନଦେଇ ଶୁଣୁଥିଲା । ସୃଷ୍ଟିର କଥା - ସଂସାର କଥା - ଛବଳ ଯୌବନର ଚପଳ କଥା !

ତାହାର ଗର୍ଭରେ ନିଶୂନ ସୃଷ୍ଟିର ପ୍ରଳାପ ଥିଲା, ଦାରୁଣ ରୌଦ୍ରର ବିଳାପ ଥିଲା !

କିନ୍ତୁ ଶୁଭୁଥିଲା ସତେ ଯେମିତି ଦୁଷ୍ଟ ମଳୟ ଠାରୁ ଅଧିର ଚଞ୍ଚଳ, ମୁଗ୍ଧ ମୌସୁମୀ ଠାରୁ ଅଧିର ବ୍ୟଗ୍ର ସେ କଥା !

ଦୁଇଟି ହୃଦୟର ପ୍ରେମ ବିହ୍ୱଳ ତରଙ୍ଗ ପରସ୍ପରକୁ ଆଲିଙ୍ଗନ କରିବାକୁ ଆଗେଇ ଆସୁଥିଲେ ।

ଅନନ୍ତ ଜୀବନ ସ୍ରୋତର ଅଗଣନ ତରଙ୍ଗ ଭିତରୁ ଇଏ ଦୁଇଟି ଅସ୍ପଷ୍ଟ ତରଙ୍ଗ ମାତ୍ର । ଯାହାର ସ୍ଥିତି ଓ ସ୍ଥାୟୀତ୍ୱ ସସୀମ, ସୀମିତ - କିନ୍ତୁ ତାହାରି ଭିତରେ ଅସୀମର ବାର୍ତ୍ତା, ଅନନ୍ତର ସ୍ପର୍ଶ ।

ସରସ ସୁନ୍ଦର ଭବିଷ୍ୟତ, ଆଶୀର୍ବାଦର ଅଦୃଶ୍ୟ ହାତ ବଢାଇ ଅଭିନନ୍ଦନ ଜଣାଉଥିଲା । ସୁଶୀତଳ ପବନରେ ଭାସି ଆସୁଥିଲା ଶୁଭ ଶଙ୍ଖର ଲଘୁ ତରଙ୍ଗଟିଏ

Digitized by PPRACHIN, SOA

ଗ୍ରନ୍ଥକାରଙ୍କ କଲମରୁ ....

ଏହା ପୂର୍ବରୁ ପଢ଼ିଛନ୍ତି ଜନ-ସାହିତ୍ୟ ପ୍ରକାଶନୀ ଆନୁକୂଲ୍ୟରେ ପ୍ରକାଶିତ —

'ବିଭ୍ରାନ୍ତ' ଓ 'ସୁଜାତାର ସ୍ୱପ୍ନ'

ଆଜି ଦେଖନ୍ତୁ --

'ଜୀବନ ତୃଷ୍ଣା' (କବିତା ସଂକଳନ)

ସୃଷ୍ଟି ଓ ସୌନ୍ଦର୍ଯ୍ୟ, ପ୍ରୀତି ଓ ପିପାସାର ଛନ୍ଦୋବଦ୍ଧ ସ୍ୱାକ୍ଷର । ଚଉଷଠି କବିତାର ଲୋଭନୀୟ ସମାବେଶ ।

'ମଉଳା ମନର ମୁକୁଳା କଥା'

(ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ କର୍ତ୍ତୃକ ଅନୁମୋଦିତ ଉପନ୍ୟାସ ।)

ଏକ ପକ୍ଷରେ ବାଲ୍ୟ - ବିବାହର ଅନ୍ଧ ବିଶ୍ୱାସ ଓ ଅନ୍ୟ ପକ୍ଷରେ ଯୁବତୀ ବିବାହର ଭ୍ରାନ୍ତ ଆଭିଜାତ୍ୟ ଦୁଇଟି ସରଳ ପ୍ରେମୋତ୍ଫୁଲ୍ଲ ହୃଦୟରେ ପ୍ରତିବନ୍ଧକର ପ୍ରାଚୀର ରୂପେ ଛିଡ଼ା ହୋଇଛି । ବାଲ୍ୟ-ବିବାହର ପରିଣତି ଭୋଗ କରିବାକୁ ହୋଇଛି ନାୟିକା ଚମ୍ପାକୁ । ମାତ୍ର ଶେଷରେ ଅତୀତର ବାଗ୍‌ଦତ୍ତ ସ୍ୱାମୀ ଶ୍ୟାମ ସହିତ ବିଧବା ଚମ୍ପାର ଶୁଭ ପରିଣୟରେ ଉପନ୍ୟାସର ସୁଖ ସମାପ୍ତି ହୋଇଛି ।

ଉପନ୍ୟାସର ଭାଷା ଅନେକ ସ୍ଥଳରେ କାବ୍ୟିକ ହେଲେବି ରୁଚି ଅନୁକୂଳ ହୋଇ ପାରିଛି । ଉପନ୍ୟାସ ପ୍ରେମୀ ପାଠକମାନଙ୍କ ନିକଟରେ ଏହା ଆଦୃତ ହେବ ବୋଲି ଆମର ଆଶା । ପ୍ରଚ୍ଛଦପଟ ଆକର୍ଷଣୀୟ ହୋଇଛି ।

— ପ୍ରଜାତନ୍ତ୍ର —

× × × ଭାଷାରେ ସହଜ ପ୍ରକାଶଭଙ୍ଗୀ ରହିଛି । ଲେଖକ ସଂସ୍କାର ପ୍ରେମୀ । × × ×

— ମାତୃଭୂମି —

Digitized by PPRACHIN, SOA

ପ୍ରଧାନ ପରିବେଷକ —

ବାଣୀ ଭଣ୍ଡାର

ବାଣୀହାଟ ଓ ବାଙ୍କା ବଜାର

କଟକ ୧ କଟକ ୨

ଦାସ ବ୍ରଦର୍ସ

ଗୋଲବଜାର, ସମ୍ବଲପୁର

ଦି ଓଡ଼ିଶା ବୁକ୍ ହାଉସ

ବ୍ରହ୍ମପୁର । (ଗଞ୍ଜାମ)

(ଏହା ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ବଡ ବହି ଦୋକାନମାନଙ୍କରେ ମିଳେ ।)

ପରବର୍ତ୍ତୀ ଆକର୍ଷଣ —

"ଶୁଭ ବିବାହ" (ଉପନ୍ୟାସ)

"ଖଡ଼ିରଡ଼ୋଲରେ ରାତି"

ପ୍ରକାଶ ଅପେକ୍ଷାରେ —

"ସ୍ପର୍ଶ"

"ମେଘାସନର ଝଡ଼" (ଛବଳ ଗଡଜାତର ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ଏକ ହୃଦୟସ୍ପର୍ଶୀ ଉପନ୍ୟାସ ।)

Digitized by PPRACHIN, SOA